ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୪ ଅଗଷ୍ଟ, ୨୦୨୨



## ଲାୟନ୍ସ କ୍ଲବର ତ୍ରିରଙ୍ଗା ପତାକା ବଣ୍ଟନ

ସମ୍ବଲପୁର,୧୩।୮ (ବ୍ୟୁରୋ): ସମ୍ବଲପୁର ସହରରେ ଲଗାଣ ବର୍ଷା ଚାଲିଥିବା ସତ୍ତ୍ୱେ ଲାୟନ୍ସ କ୍ଲବ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରପଡ଼ାସ୍ଥିତ କ୍ଲବ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ରାସ୍ତାରେ ୧୫୦୦ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। ମନୋଜ କୁମାର ସିଙ୍ଗାନିଆଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଦେବେନ୍ଦ୍ର ଲାଠ, ସନ୍ତୋଷ ଶର୍ମା, ସିଦ୍ଧେଶ ଅଗ୍ରୱାଲ, ସୁନିଲ ମସଣ୍ଡ, ସଞ୍ଜୟ ସାଠିଆ, ଗଜୁ ଅଗ୍ରୱାଲ, ନବୀନ ଦଲୱାନୀ, ରାଜେନ୍ଦ୍ର ଶର୍ମା, ରିଣ୍ଟୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଲଗାଣ ବର୍ଷା: ସୋନପୁର-ସମ୍ବଲପୁର ରାସ୍ତା ବିଚ୍ଛିନ୍ନ

**୫୦୦ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର**
- ତଳି ଅଞ୍ଚଳ ଜଳମଗ୍ନ
- ୧୦୦୦ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ

ସମ୍ବଲପୁର,୧୩।୮ (ବ୍ୟୁରୋ)

ଲଘୁଚାପ ଜନିତ ଲଗାଣ ବର୍ଷା ଓ ହୀରାକୁଦ ଡ୍ୟାମ୍‌ରେ ୩୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଯୋଗୁ ସମ୍ବଲପୁର ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥ ମାଲତି ନଦୀ ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ରାସ୍ତା ବିଚ୍ଛିନ୍ନ ହୋଇଛି। ଫଳରେ ସମ୍ବଲପୁରରୁ ସୋନପୁର ଯାଉଥିବା ଯାନବାହନ ମାନେଶ୍ୱର ଛକ ଦେଇ ଯିବାଆସିବା କରୁଛି। ଅନ୍ୟପଟେ ତଳି ଅଞ୍ଚଳ ଓ ସହରର ବିଭିନ୍ନ ପଡ଼ାଗୁଡ଼ିକରେ ପାଣି ପଶିଛି। ପ୍ରଶାସନ ପକ୍ଷରୁ ୫୦୦ଜଣଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଥିବା ବେଳେ ୧୦୦୦ଜଣଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସମ୍ବଲପୁର ମହାନଗର ନିଗମ ହୀରାକୁଦ ଚେପଟି ପୁଲିଆ, ହୀରାକୁଦର ଆହାର କେନ୍ଦ୍ର, ବିନାଖଣ୍ଡି ଓ ଖଣ୍ଡୁଆଲର ଆଶ୍ରୟସ୍ଥଳି, ମୋତିଝରଣ ଆଦି ୭ ସ୍ଥାନରେ ବନ୍ୟା ବିପନ୍ନଙ୍କୁ ଆଶ୍ରୟ ଦିଆଯାଇଛି। ବିଭିନ୍ନ ସାମାଜିକ ଅନୁଷ୍ଠାନ ପ୍ରଶାସନ ସହିତ ସହଯୋଗ କରି ଉଦ୍ଧାର କାର୍ଯ୍ୟ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଜରୁରୀ ବୈଠକ କରାଯାଇ ଜିଲାପାଳ ଅନନ୍ୟା ଦାଶ ପରିସ୍ଥିତିର ସମୀକ୍ଷା କରିଛନ୍ତି। ତଳି ଅଞ୍ଚଳରେ ପାଣିପମ୍ପ ସାହାଯ୍ୟରେ ଜମିଥିବା ପାଣିକୁ ନିଷ୍କାସିତ କରାଯାଉଛି। ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ୍ ମୋଟର ବୋଟ ସାହାଯ୍ୟରେ ତଳି ଅଞ୍ଚଳ ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳକୁ ନେଇଛନ୍ତି।


ଶନିବାର ଲଗାଣ ବର୍ଷା ଯୋଗୁ ସମ୍ବଲପୁର-ସୋନପୁର ରାସ୍ତାରେ ପାଣି ଜମିରହିଛି ।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୪ହଜାର ଲୁଟ୍

ରେଢ଼ାଖୋଲ,୧୩।୮ (ଡି.ଏନ.ଏ.): ଚାରମାଳ ଥାନା ଅଧୀନ ହେମନ୍ତଖୋଲ ରାସ୍ତାରୁ ଶନିବାର ଭାରତ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କଠାରୁ ୫୪ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ବୌଦ୍ଧରେ ଥିବା କମ୍ପାନୀ କର୍ମଚାରୀ ଜ୍ୟୋତିଲାଲ ବିଶ୍ୱାଳ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଋଣ ଟଙ୍କା ଆଦାୟ କରି ଫେରୁଥିବା ବେଳେ ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ତାଙ୍କ ବ୍ୟାଗରେ ଥିବା ୫୪ହଜାର ଟଙ୍କା, ଲାପ୍‌ଟପ, ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ଚାରମାଳ ପୋଲିସ ଏକ ମାମଲା (ନଂ.୧୧୩/୨୨) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ସୂଚନାଯୋଗ୍ୟ ୨ ଦିନ ତଳେ ବୀରମହାରାଜପୁର ଶାଖା ଭାରତ ଫାଇନାନ୍ସ କମ୍ପାନୀ କର୍ମଚାରୀ ସଞ୍ଜିତ ବେହେରାଙ୍କଠାରୁ ଗୁହିରାଦାଦର ରାସ୍ତାରୁ ୬୦ହଜାର ଟଙ୍କା ଓ ମୋବାଇଲ ଲୁଟ ହୋଇଥିଲା।

### ୨ ଝୁଲନ୍ତା ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୧୩।୮: ଲଖନପୁର ଓ ରେଙ୍ଗାଲି ଥାନା ଅଞ୍ଚଳରୁ ପୋଲିସ ଦୁଇଜଣଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଲଖନପୁର ଥାନା କୁଡାଲୋଇ ଗ୍ରାମ ନିକଟ ଏକ ଗଛରୁ ପୋଲିସ ବିମଳ ତପନ(୫୬)ଙ୍କ ମୃତଦେହ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଲଖନପୁର ଥାନାରେ ଏକ ମାମଲା (ନଂ୧୫/୨୨) ରୁଜୁ ହୋଇଛି। ସେହିପରି ରେଙ୍ଗାଲି ଥାନା ଗୋବିନ୍ଦପୁର କେନ୍ଦୁଡିହି ଗ୍ରାମ ନିକଟ ଏକ ଗଛରୁ ପୋଲିସ ଝୁଲନ୍ତା ଅବସ୍ଥାରେ ଘନଶ୍ୟାମ ନାଏକ(୫୫)ଙ୍କ ମୃତଦେହ ଜବତ କରିଛି। ଏ ନେଇ ରେଙ୍ଗାଲି ଥାନାରେ ପୋଲିସ ଏକ ମାମଲା (ନଂ୧୭/୨୨) ରୁଜୁକରି ତଦନ୍ତ ଚଳାଇଛି।

### ବରିଷ୍ଠ କଂଗ୍ରେସ କର୍ମୀଙ୍କ ପରଲୋକ

ଝାରସୁଗୁଡ଼ା ଅଫିସ,୧୩।୮: ଝାରସୁଗୁଡା ଜିଲା କଂଗ୍ରେସ କମିଟିର ବରିଷ୍ଠ ସଦସ୍ୟ କମାଲ ଖାନଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଦୀର୍ଘବର୍ଷ ହେଲା ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ। ଖବର ଶୁଣିବା ପରେ କଂଗ୍ରେସ କମିଟି ତଥା ଝାରସୁଗୁଡା ସହରରେ ଶୋକର ଛାୟା ଖେଳିଯାଇଛି। ଦଳ ତରଫରୁ ତାଙ୍କ ମରଶରୀରକୁ ଜିଲା କଂଗ୍ରେସ କାର୍ଯ୍ୟାଳୟକୁ ଆଣାଯାଇ ଦଳୀୟ ପତାକାରେ ଢଙ୍କା ଯାଇଥିଲା। ପୂର୍ବତନ ବିଧାୟକ ବୀରେନ୍ଦ୍ର ପାଣ୍ଡେ, ପ୍ରଭାରୀ ରାଜକିଶୋର ଷଡ଼ଙ୍ଗୀ, ଜିଲା ସଭାପତି ଅଶୋକ ମିଶ୍ର, ଉପସଭାପତି ସୀୟରାମ ଦାସ, ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ତ୍ରିପାଠୀ, ଅଲେଖ କୁମାର, ଶୁକଦେବ ବାଗ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ଗଙ୍ଗାଧର ମେହେର ଜୟନ୍ତୀ

ନାକଟିଦେଉଳ,୧୩।୮ (ଡ଼ି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାବେ ରାଜନୀତି ବିଜ୍ଞାନ ଅଧାପକ ଦେବେଶ ବିଶ୍ୱାଳ, ଇତିହାସ ବିଭାଗ ଅଧାପକ ଭଜମୋହନ ପ୍ରଧାନ ବକ୍ତା ଭାବେ ଯୋଗଦେଇ କବି ଗଙ୍ଗାଧରଙ୍କ କାବ୍ୟକବିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷା ବିଭାଗ ଅଧାପକ ଶେଷଦେବ ବିଶ୍ୱାଳ ମେହେରଙ୍କ ରଚିତ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ। ଇଂରାଜୀ ବିଭାଗ ଅଧାପକ ବିନୋଦ ବିହାରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ ଯୁକ୍ତ ତିନି ଶେଷବର୍ଷ ଛାତ୍ର କୁନା ନାଏକ ଧନ୍ୟବାଦ ଦେଇଥିଲେ।

### ତ୍ରିରଙ୍ଗା ଶୋଭାଯାତ୍ରା

ପଡଆବାହାଲ, ୧୩।୮ (ଡି.ଏନ.ଏ.): ଅଜାଦୀ କା ଅମୃତ ମହୋତ୍ସବ ଅବସରରେ ଶନିବାର ଯୁଯୁମୁରା ବ୍ଲକ ପଡିଆବାହାଲ ଦୟାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଲଗାଣବର୍ଷା ସତ୍ତ୍ୱେ ପବ୍ଲିକ ସ୍କୁଲ ଅଧକ୍ଷାଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ର ଜାତୀୟ ପତାକା ଧରି ଜାତୀୟ ସଂଗୀତ ଗାନ କରି ରାଲିରେ ବୁଲିଥିଲେ। ରାସ୍ତାରେ ଲୋକମାନେ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରୁଥିବା ଦେଖାଯାଇଥିଲା। ଡାକବାଜିରେ ଦେଶାତ୍ମବୋଧ ଗାନ ଓ ସ୍ଲୋଗାନ ଉତ୍ସବ ମୁଖରିତ କରିଥିଲା।

## ସାମାଜିକ କର୍ମୀଙ୍କ ବାଇକ୍ ଶୋଭାଯାତ୍ରା

ସମ୍ବଲପୁର,୧୩।୮ (ବ୍ୟୁରୋ)

ମୁଣ୍ଡରେ ଗୈରିକ ପଗଡ଼ି ବାନ୍ଧି ଓ ମୁଖମଣ୍ଡଳରେ ଜାତୀୟ ପତାକା ଚିତ୍ର ଆଙ୍କି ବିଭିନ୍ନ ଅନୁଷ୍ଠାନର ସାମାଜିକ କର୍ମୀ ଶନିବାର ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ସମସ୍ତେ ନିଜ ବାଇକ୍ ସମ୍ମୁଖ ଭାଗରେ ଜାତୀୟ ପତାକା ବାନ୍ଧି ସ୍ୱାଧୀନତାର ୭୫ବର୍ଷକୁ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ଜନସାଧାରଣଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। କ୍ଷେତରାଜପୁର ମାରୱାଡ଼ି ଧର୍ମଶାଳା ସମ୍ମୁଖରୁ ଶୋଭାଯାତ୍ରା ବାହାରି ବଡ଼ବଜାର ଛକ, ସମଲେଶ୍ୱରୀ ଛକ, କମଳିବଜାର, ବାଲିବନ୍ଧା, କୁଞ୍ଜେଲପଡ଼ା, ମାରୱାଡ଼ିପଡ଼ା, ମ୍ୟୁନିସିପାଲିଟି ଛକ ପରିକ୍ରମା କରି ଜେଲ ଛକଠାରେ ପହଞ୍ଚିଥିଲା। ପରାଗ ଅଗ୍ରୱାଲ, ରାମଦାସ ପଣ୍ଡା, ପ୍ରିୟାଂଶୁ ଅଗ୍ରୱାଲ, ଅରୁଣ ଅଜାଡିୱାଲ, ସୁବ୍ରତ ପଣ୍ଡା ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଜାତୀୟ କୃମିନାଶ ଦିବସ

ଝାରସୁଗୁଡ଼ା ଅଫିସ,୧୩।୮

ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଡୋଳାମଣି ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସୂଚନା ଅନୁଯାୟୀ ୧ରୁ ୧୯ବର୍ଷ ମଧ୍ୟରେ ଜିଲାର ୬୬୮ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ ୯୬୪ ଅଙ୍ଗନୱାଡ଼ି କେନ୍ଦ୍ରରେ ପଠନରତ ୧ଲକ୍ଷ ୬୮ହଜାର ୭୧ଜଣ ଛାତ୍ରୀଛାତ୍ରଙ୍କୁ ଏହି ନିଃଶୁଳ୍କ ବଟିକା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କାରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ସୁପ୍ରଭା ବାରିକ, ଡା. ଜଗଦୀଶ ଚନ୍ଦ୍ର ପାଟଯୋଶୀ, ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ପଟେଲ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଯୁଗେଶ୍ୱର କାଲୋଙ୍କ ସମେତ ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ଜିଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳିକା ଦୀପ୍ତିମୟୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୫ରେ ପ୍ରଭୁ ଜଗନ୍ନାଥ କଥା ନାଟକ

**ଜଗନ୍ନାଥ ସଂସ୍କୃତିର ବାର୍ତ୍ତା ଦେବ**

ସମ୍ବଲପୁର,୧୩।୮ (ବ୍ୟୁରୋ)

ପ୍ରଭୁ ଜଗନ୍ନାଥ କଥା ମଞ୍ଚ ନାଟକ ଚଳିତ ମାସ ୧୫ ଓ ୧୬ ତାରିଖରେ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ମଞ୍ଚସ୍ଥ ହେବ। ମର୍ତ୍ତ୍ୟମଣ୍ଡଳରେ ମହାପ୍ରଭୁ ଜଗନ୍ନାଥଙ୍କ ଅବତାରଣା ସହ ସନାତନ ଧର୍ମର ଦର୍ଶନ ଓ ଅଧ୍ୟାତ୍ମିକ ସଂସ୍କୃତି ସମ୍ପର୍କରେ ନାଟକ ବାର୍ତ୍ତା ଦେବ। ଏଥିସହ ଯୁବ ଓ ଶିଶୁ ବର୍ଗ କିଭଳି ଭାବେ ଜଗନ୍ନାଥଙ୍କ କଥା ଜାଣିପାରିବେ ତାହା ନାଟକର ଲକ୍ଷ୍ୟ। ଶନିବାର ସମ୍ବଲପୁର ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀ ଜଗନ୍ନାଥ କଥା ଥିଏଟର ଶୋ କମିଟି ଆବାହିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଏହା କହିଛନ୍ତି। ନାଟକର ନିର୍ଦ୍ଦେଶକ ତଥା ଭଣ୍ଡିରା ଟ୍ରି ଥିଏଟର ଗ୍ରୁପ ପ୍ରତିଷ୍ଠାତା ଧନଞ୍ଜୟ କପୁର ସୂଚନା ଦେଇ କହିଥିଲେ, ୪ଘଣ୍ଟା ଅବଧିର ନାଟକଟି ହିନ୍ଦୀ ଭାଷାରେ ମଞ୍ଚସ୍ଥ ହେବ। ଦେଶର ବିଭିନ୍ନ ପ୍ରାନ୍ତର ପ୍ରତିଷ୍ଠିତ ୧୨ଜଣ କଳାକାର ଅଭିନୟ କରିବେ। ଭାଗବତ ଗୀତା ପଢ଼ିବା ପରେ ହୃଦୟରେ ପରିବର୍ତ୍ତନ ଆସିଥିଲା। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବିଷୟ ଦେଖିଥିଲି। ଏହି ରଥଯାତ୍ରା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଧିକ ପ୍ରଚାର ହେବା ଆବଶ୍ୟକ। ଭଗବାନ ଜଗନ୍ନାଥଙ୍କ ଆବିର୍ଭାବରୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପର୍ଯ୍ୟନ୍ତ ବିଷୟବସ୍ତୁ ଏହି ନାଟକରେ ରହିଛି। ନାଟକଟି ପୁରୀରେ ପ୍ରଥମେ ଓ ତାପରେ ଭୁବନେଶ୍ୱରରେ ମଞ୍ଚସ୍ଥ ହୋଇଛି। ସଂସ୍କୃତିର ପ୍ରାଣକେନ୍ଦ୍ର ସମ୍ବଲପୁରଠାରେ ମଞ୍ଚସ୍ଥ ପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହା ପରିବେଷିତ ହେବ। ଖବରଦାତା ସମ୍ମିଳନୀରେ ସୁଧିର ପୂଜାରୀ, ମାଧବ ଡାଲମିୟା, ରାମଦାସ ପଣ୍ଡା, ପ୍ରଫୁଲ୍ଲ କୁମାର ହୋତା, ସରୋଜ କୁମାର ଦାଶ, ସୁମନ୍ତ ପଣ୍ଡା, ଜିତୁ ପଟ୍ଟନାୟକ, ଶିଳା ଶିବ ପ୍ରସାଦ ଉପସ୍ଥିତ ଥିଲେ।

# ଏସ୍‌ୟୁ କୁଳପତିଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ସମ୍ବଲପୁର,୧୩।୮ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଦୀନବନ୍ଧୁ ମିଶ୍ର ଆତ୍ମାହୁତି ମାମଲାରେ ମିଳିଥିବା ଜାମିନକୁ ଖାରଜ କରିବା ପାଇଁ ହୋଇଥିବା ପିଟିସନର ଶୁଣାଣି କରି ହାଇକୋର୍ଟ କୁଳପତି ମିତ୍ତଲଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତ। କୁଳପତି ମିତ୍ତଲଙ୍କ ନାମରେ ପ୍ରମାଣ ନଷ୍ଟ କରିବା, ସାକ୍ଷୀଙ୍କୁ ଧମକାଇବା ଭଳି ଅଭିଯୋଗ ଆଣି ମିଳିଥିବା ଜାମିନକୁ ଖାରଜ କରିବା ପାଇଁ ଆବେଦନ ହୋଇଥିଲା। ହାଇକୋର୍ଟ ରାୟରେ ଦର୍ଶାଇଛନ୍ତି, ଜଣେ କୁଳପତି ବିଶ୍ୱବିଦ୍ୟାଳୟ ଅଧୀନରେ କାର୍ଯ୍ୟରତ କୌଣସି କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ କିମ୍ବା କୌଣସି ଘଟଣା ସମ୍ପର୍କରେ ପଚାରି ବୁଝିପାରିବେ। ତେଣୁ ଜାମିନ ଆବେଦନ ଖାରଜ କରାଯିବ ନାହିଁ ବୋଲି ରାୟ ଶୁଣାଇଥିଲେ। ଗତ ଗୁରୁବାର ଏହି ରାୟ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ କୁଳପତି ମିତ୍ତଲ ଜୁଲାଇ ୨୪ରୁ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି।

# ଆମେ ଅନିଶ୍ଚିତତା ଆଡ଼କୁ ଯାଉଛେ

**ସଂଗ୍ରାମୀ ବଜ୍ରବାହୁ ଶତପଥୀ ସ୍ମାରକୀ ବକ୍ତୃତା**

ସମ୍ବଲପୁର,୧୩।୮ (ବ୍ୟୁରୋ)

ଅର୍ଥନୀତିକୁ ସମାଜ ଓ ରାଜନୀତିରୁ ଅଲଗା କରି ଦେଖାଯାଇ ନ ପାରେ। ସମ୍ପ୍ରତି ସାମଗ୍ରିକ ଭାବେ ଭାରତୀୟ ସମାଜ ଅନିଶ୍ଚିତତା ଆଡ଼କୁ ଯାଉଛି। ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କୁ ଏହାର ସମାଧାନର ବାଟ ବାହାର କରିବାକୁ ହେବ। ଭାରତୀୟ ଅର୍ଥନୀତିର ଗତି କୁଆଡ଼େ ଶୀର୍ଷକ ସଂଗ୍ରାମୀ ବଜ୍ରବାହୁ ଶତପଥୀ ସ୍ମାରକୀ ବକ୍ତୃତାମାଳାରେ ପ୍ରଫେସର ସୁଜିତ କୁମାର ପୃଷ୍ଟେଠ ଉପରୋକ୍ତ ମତ ରଖିଛନ୍ତି। ଶ୍ରମିକ ନେତା ରବୀନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଗ୍ରାମୀ ବଜ୍ରବାହୁ ଶତପଥୀଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ହୋଇଥିଲା। ସଭାରେ ବକ୍ତବ୍ୟ ରଖି ପ୍ରଫେସର ପୃଷ୍ଟେଠ କହିଥିଲେ, ବର୍ତ୍ତମାନ ଚିନ୍ତାଶୀଳ ଓ ବୁଦ୍ଧିଜୀବୀମାନେ ନୀରବତା ତ୍ୟାଗ କରି ପ୍ରତିକ୍ରିୟାଶୀଳ ହେବା ସମୟ ଆସିଛି। ଏ ଦିଗରେ ସଂଗ୍ରାମୀ ବଜ୍ରବାହୁଙ୍କ ଭଳି ବ୍ୟକ୍ତିତ୍ୱ ଆମର ପ୍ରେରଣା ହୋଇପାରିବେ ବୋଲି ପ୍ରଫେସର ସୁଜିତ କହିଛନ୍ତି। ଶ୍ରମିକ ନେତା ବିଜୟକୁମାର ମହାନ୍ତି ଓ ଅଶୋକ କୁମାର ବିଶି ସଂଗ୍ରାମୀ ବଜ୍ରବାହୁଙ୍କ ଜୀବନଯାତ୍ରା ଉପରେ ଆଲୋକପାତ କରିଥିଲେ। ସ୍ମୃତି ସମିତିର ସରୋଜ ମହାନ୍ତି ସୂଚନା ପ୍ରଦାନ ଓ ଅରୁଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଦର୍ଶକଙ୍କୁ ବାନ୍ଧିରଖିଲା ନାଟକ 'କମ୍ରେଡ'

**ମିରର୍ ଥିଏଟର ପ୍ରତିଷ୍ଠା ଦିବସ**

ଝାରସୁଗୁଡ଼ା ଅଫିସ,୧୩।୮

ପଶ୍ଚିମ ଓଡିଶାର ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ମିରର୍ ଥିଏଟରର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ବେଲପାହାଡ ଟିଆର୍‌ଏଲ୍ ଜୁବୁଲୀହଲ୍‌ରେ ବର୍ଷବ୍ୟାପୀ ପ୍ରଦର୍ଶିତ ନାଟକ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ରାତିରେ ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର କଳାକାରଙ୍କୁ ନେଇ ସ୍ୱର୍ଗତ ଜନନେତା କମ୍ରେଡ ପ୍ରସନ୍ନ ପଣ୍ଡାଙ୍କ ରାଜନୈତିକ ଜୀବନୀ ଆଧାରିତ 'କମ୍ରେଡ' ନାଟକ ପରିବେଷଣ ହୋଇଥିଲା। ନାଟକରେ ତାଙ୍କ ଜୀବନର ବାସ୍ତବଚିତ୍ର ସ୍ଥାନ ପାଇଥିବାରୁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏଥିରେ ୩୦ଜଣ କଳାକାର ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରିଥିଲେ। ପ୍ରତି ମାସରେ ସମାଜକୁ ବାର୍ତ୍ତା ଦେଲାଭଳି ଗୋଟିଏ ଗୋଟିଏ ନାଟକ ପ୍ରଦର୍ଶିତ ହୋଇଥିଲା। ଏସବୁକୁ ନାଟ୍ୟ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନାଟ୍ୟକାର ସୁବାସ ପ୍ରଧାନ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଟିଆର୍‌ଏଲ୍ କ୍ରୋସାକୀ ପ୍ରକଳ୍ପ ଅଧିକାରୀ ଡ. ତାରାପଦ ଦାସ, କାଉନସିଲର କହ୍ନେଇ ଚରଣ ସେଠ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାତା ନାଟ୍ୟକାର ପ୍ରଧାନ ସ୍ୱାଗତ ଅଭିଭାଷଣ ଓ ସଦସ୍ୟ କଳାକାର ସନ୍ତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସଦସ୍ୟ ଗୌରୀ ଶଙ୍କର କୁମ୍ଭାର ଓ ବିନୟ ପ୍ରଧାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ବିରାଟରାଜା ପ୍ରଧାନ ଧନ୍ୟବାଦ ଦେଇଥିଲେ।


ମଞ୍ଚରେ ଅଭିନୟ କରୁଛନ୍ତି କଳାକାର।

# ବସ୍ତି ନାମ ହେଲା ସମଲେଇ ନଗର

କୋଲାବିରା,୧୩।୮ (ଡି.ଏନ.ଏ.)

କୋଲାବିରା ଗାଁ ମୁଣ୍ଡରେ ନୂତନ ଭାବେ ନିର୍ମାଣ ହୋଇଥିବା ବସ୍ତିର ନାମ ସମଲେଇ ନଗର ରଖାଯାଇଛି। କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସ୍ଥାନୀୟ ସରପଞ୍ଚ ଚେତାନନ୍ଦ ନଇ ଅତିଥି ଭାବେ ଯୋଗଦେଇ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ନୂତନ କଲୋନୀର ନାମ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶୀଳ କୁମାର ଦାସ, ସମିତି ସଭ୍ୟ ଦିନବନ୍ଧୁ ମାଝି, ବରିଷ୍ଠ ନାଗରିକ ଶୁଭେନ୍ଦୁ କୁମାର ଦାସ, ସମାଜିକ କର୍ମୀ ସୁକାନ୍ତ ସାହୁ, କୀର୍ତ୍ତିଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ମା'ସମଲେଶ୍ୱରୀଙ୍କ ନାମରେ ତଥା ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିରେ ଅମୃତ ମହୋତ୍ସବ ଅବସରରେ ନାମକରଣକୁ ନେଇ କଲୋନିବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

## ଅମୃତ ମହୋତ୍ସବ ଅବସରରେ କଂଗ୍ରେସର ପଦଯାତ୍ରା

କୁଚିଣ୍ଡା,୧୩।୮ (ଡି.ଏନ.ଏ.)

କୁଚିଣ୍ଡା ନିର୍ବାଚନ ମଣ୍ଡଳୀ କୁସୁମୀଠାରେ ଶନିବାର ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରୀଆଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା କୁଚିଣ୍ଡା ବ୍ଲକର ରଙ୍ଗିଆଟିକିରା ଗ୍ରାମରୁ ଆରମ୍ଭ ହୋଇ କାପୁଟିକିରା, ପଣ୍ଡାରିପଥର, କୁନ୍ତରା, ଗୁର୍ଲୁମୁଣ୍ଡା, କୁସୁମୀ ଆଦି ଗ୍ରାମ ଦେଇ ପ୍ରାୟ ୧୨ କି.ମି. ବ୍ୟାପି ହୋଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ଲବଣିଧର ନାଏକ, ନଗର ସଭାପତି ଅଖିଳ ପ୍ରତାପ ସିଂ, ଜମନକିରା ବ୍ଲକ ସଭାପତି କେଦାରନାଥ ବରିହା, ବାମରା ବ୍ଲକ ସଭାପତି କ୍ଷୀରୋଦ କୁମାର ସା, ଟାଉନ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଶତପଥି, ବରିଷ୍ଠ କଂଗ୍ରେସ ନେତା ଖଡୁନାଥ ପିଙ୍ଗ, ଡ଼. ଶରତ ଚନ୍ଦ୍ର ଗୌନ୍ତିଆଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ସମ୍ବଲପୁର,୧୩।୮ (ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତିକୁ ସାରାଦେଶରେ ଆଜାଦୀ କା ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି। ହୀରାକୁଦ ହିଣ୍ଡାଲ୍‌କୋ ସିଲେଇ ଶିକ୍ଷାକେନ୍ଦ୍ର ପ୍ରେରଣାରେ ଶିକ୍ଷାର୍ଥୀମାନେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଜାତୀୟ ପତାକା ସିଲାଇଛନ୍ତି। ଏହି ଜାତୀୟ ପତାକାଗୁଡ଼ିକୁ ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ପ୍ରଶିକ୍ଷାର୍ଥୀମାନେ ଦେଶ ପାଇଁ ଜାତୀୟ ପତାକା ପ୍ରସ୍ତୁତ କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରିଛନ୍ତି। ହିଣ୍ଡାଲ୍‌କୋର ସିଏସ୍‌ଆର ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସମ୍ବଲପୁର କ୍ଲଷ୍ଟର ହେଡ କୈଳାସନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ସିଲେଇ କେନ୍ଦ୍ର ଚାଲିଛି।


ପ୍ରଶିକ୍ଷାର୍ଥୀମାନେ ତିଆରି କରିଥିବା ଜାତୀୟ ପତାକା।

# ୫୦୦ ମିଟର ତ୍ରିରଙ୍ଗା ସହ ପଦଯାତ୍ରା

**ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ**

ସମ୍ବଲପୁର,୧୩।୮ (ବ୍ୟୁରୋ)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ସମଗ୍ର ଦେଶରେ ଆଜାଦୀ କା ଆମୃତ ମହୋତ୍ସବ ପାଳନ କରାଯାଉଛି। ଅଗଷ୍ଟ ୧୩ରୁ ହର୍ ଘର ତ୍ରିରଙ୍ଗା ଯାତ୍ରା ମଧ ହେଉଛି। ଏହି କ୍ରମରେ ଶନିବାର ପ୍ରବଳ ବର୍ଷା ସତ୍ତ୍ୱେ ସମ୍ବଲପୁର ସହରରେ ୫୦୦ମିଟର ଲମ୍ବର ତ୍ରିରଙ୍ଗା ଯାତ୍ରା ସହର ପରିକ୍ରମା କରିଛି। ଅମୃତ ମହୋତ୍ସବ ତ୍ରିରଙ୍ଗା ଯାତ୍ରା କମିଟି ଆୟୋଜିତ ଐତିହାସିକ ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକ, ସାଂସ୍କୃତିକ, ଧାର୍ମିକ, ରାଜନୈତିକ ଅନୁଷ୍ଠାନର ସଦସ୍ୟାସଦସ୍ୟ, ଆଇନଜୀବୀ, ବ୍ୟବସାୟୀ, ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଜେଲ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଭୂତାପଡ଼ା ଛକ, ଜିଲା ସ୍କୁଲ ଛକ, ଲକ୍ଷ୍ମୀ ଟକିଜ ଛକ, ଧୁଟୁରାପଡ଼ା ଛକ, ଗଙ୍ଗାଧର ମେହେର କଲେଜ ରାସ୍ତା, ବୁଢ଼ାରଜା, ଜଗନ୍ନାଥ କଲୋନୀ ଛକ, ସହଯୋଗ ନଗର ଛକ, ଅଇଁଠାପାଲି ତଳି ଛକ ଦେଇ ଶୋଭାଯାତ୍ରା ପରିକ୍ରମା କରିଥିଲା। ଅଇଁଠାପାଲି ଛକସ୍ଥିତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶୋଭାଯାତ୍ରା ଶେଷ ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ସମେତ ସିମାଞ୍ଚଳ ଖଟେଇ, ରାମଚନ୍ଦ୍ର ମେହେର, ଦାମୋଦର କର, ସତ୍ୟନାରାୟଣ ପଣ୍ଡା, ବିଷ୍ଣୁ ରକ୍ଷିତ, ମାନସ ରଞ୍ଜନ ବକ୍ସି, ବିପିନ ଭାଟିଆ, ଅଶ୍ୱିନୀ ମାଝି, ସୁଧୀର ବହିଦାର, ଜୟନ୍ତ ଦାସ, ଟୁକୁ ମହାନ୍ତି, ସପନ ମିଶ୍ର, ସଦାନନ୍ଦ ପଣ୍ଡା, ପ୍ରଦୀପ ବେହେରା, ନୀଳାମ୍ବର ସିକନ୍ଦର, ଶ୍ରୀକାନ୍ତ ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ବାରିକ, ସବିତା ନନ୍ଦ, ପ୍ରଭାସିନୀ ଦାଶ, ରୁନୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ସମ୍ବଲପୁରରେ ୫୦୦ ମିଟରର ତ୍ରିରଙ୍ଗା ଯାତ୍ରା ।

## ବଡ଼ଗାଁରେ ହର ଘର୍ ତ୍ରିରଙ୍ଗା

ବଡ଼ଗାଁ (ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁରେ ଆଜାଦି କି ଅମୃତ ମହୋତ୍ସବ ଉପଲକ୍ଷେ ହର୍ ଘର ତ୍ରିରଙ୍ଗା ପାଳିତ ହେଉଛି। ସକାଳେ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଛାତ୍ର ଦେଶାତ୍ମବୋଧ ଗାନ କରି ନଗର ପରିକ୍ରମା କରିଥିଲେ। ଏହି ଉତ୍ସବକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ଜାତୀୟ ପତାକା ବଣ୍ଟନ କରାଯାଇଛି। ବିଡ଼ିଓ କ୍ଷମାନିଧି ଭୋଇ, ଷ୍ଟାଫ ମାନେ ବିଭିନ୍ନ ସଙ୍ଗଠନ, ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ମାଗଣାରେ ଜାତୀୟ ପତାକା ଦେଇଛନ୍ତି। ବଡ଼ଗାଁରେ ଗ୍ରାମବାସୀ ନିଜ ଘର ଓ ଅଗଣାରେ ଜାତୀୟ ପତାକା ଉଡ଼ାଇଥିଲାବେଳେ ବ୍ୟବସାୟୀମାନେ ଦୋକାନରେ ଜାତୀୟ ପତାକା ଲଗାଇ ମହୋତ୍ସବକୁ ପାଳନ କରୁଛନ୍ତି।



## ସଂକ୍ଷେପରେ

### ହାତୀ ଭାଙ୍ଗିଲା ଘର: ପୁଅ ମୃତ, ବାପ ଗୁରୁତର

ରାଉରକେଲା ଅଫିସ,୧୩।୮: ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ତଥା କୁଲୁଙ୍ଗା ଫାଣ୍ଡି ଅନ୍ତର୍ଗତ ଗୋଟିଧର ଗ୍ରାମରେ ଶୁକ୍ରବାର ରାତିରେ ହାତୀପଲ ପଶି ଘର ଭାଙ୍ଗି ଦେବାରୁ କାନ୍ଥ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋଟୁ କିଷାନ(୪୨)। ଏହି ଦୁର୍ଘଟଣାରେ ମୃତକଙ୍କ ବାପା ଗୁରୁତର ହୋଇଛନ୍ତି। ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା (୬୨।୨୨) ରୁଜୁ ହୋଇଛି। ଗୋଟିଧର ଗ୍ରାମର ରଙ୍ଗଟା କିଷାନ ଓ ତାଙ୍କ ପୁଅ ମୋଟୁ ଠିକା ଶ୍ରମିକ ଭାବେ କାମ କରି ପରିବାର ପୋଷଣ କରନ୍ତି। ଶୁକ୍ରବାର ରାତିରେ ଉଭୟ ବାପ ପୁଅ ଖାଇ ସାରି ଶୋଇଥିବାବେଳେ ଏକ ହାତୀପଲ ଉକ୍ତ ଗ୍ରାମକୁ ଆସି ରଙ୍ଗଟାଙ୍କ ମାଟିକାନ୍ଥକୁ ଶୁଣ୍ଢରେ ଠେଲି ଦେଇଥିଲେ। ଫଳରେ ମାଟି କାନ୍ଥଟି ଭୁଷୁଡି ପଡ଼ି ମୋଟୁ ଉପରେ ପଡିଥିଲା। ସେଥିରୁ ନିଜ ଜୀବନ ବଞ୍ଚାଇ ମୋଟୁ ହାତୀକୁ ଗୋଡାଇବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ ଠେକି ଫୋପାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ମୋଟୁଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ରେଙ୍ଗଟାଙ୍କ ଉପରେ ଘର ଆଜବେଷ୍ଟସ ପଡିଯିବାରୁ ସେ ଗୁରୁତର ହୋଇଥିଲେ।

### ରାଶନ ଦୋକାନରୁ ଚୋରି, ଜଣେ ଗିରଫ

ରାଉରକେଲା ଅଫିସ,୬।୮: ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ଥିବା ଏକ ରାସନ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନୀଲ ବାଗ ଓରଫ କୋଏଲ(୨୭)। ତାଙ୍କଠାରୁ ଚୋରି ରାସନ ସାମଗ୍ରୀ ଜବତ ହୋଇଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୩୦୮।୨୨) ରୁଜୁ କରିଛି। ଦୀପକ ଅଗ୍ରୱାଲ ଗୋପବନ୍ଧୁପାଲି ଅଞ୍ଚଳରେ ଏକ ରାସନ ଦୋକାନ କରିଛନ୍ତି। ଶୁକ୍ରବାର ରାତି ସାଢ଼େ ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ଅନୀଲ ଦୋକାନ ଟିଣ କାଟି ପ୍ରାୟ ୬ ହଜାର ଟଙ୍କାର ରାସନ ସାମଗ୍ରୀ ଚୋରି କରିନେଇଥିଲେ। ଶନିବାର ସକାଳେ ଦୀପକ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ରେଲୱେ କଲୋନୀ ଅଞ୍ଚଳରୁ ଗିରଫ କରିଥିଲା।

### ଭାରସାମ୍ୟ ହରାଇ ଘାଟିରୁ ଖସିଲା ଟ୍ରକ୍: ଜଣେ ମୃତ

ଲହୁଣୀପଡା, ୧୩।୮ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଫୁଲଝର ପଞ୍ଚାୟତ ରୁଗୁଡ଼ିହିଠାରେ ଭାରସାମ୍ୟ ହରାଇ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକଙ୍କ ମୃତ୍ୟୁଘଟିଥିବାବେଳେ ଖଲାସୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏକ ପାନ ମସଲା ବୋଝେଇ ଟ୍ରକ୍ ଖୁଣ୍ଟଗାଁଠାରୁ ଭାୟା ଫୁଲଝର ଦେଇ କେନ୍ଦୁଝର ପଟେ ଯାଉଥିବାବେଳେ ରୁଗୁଡ଼ିହି ଘାଟିରେ ଭାରସାମ୍ୟ ହରାଇ ପ୍ରାୟ ପନ୍ଦର ଫୁଟ ତଳକୁ ଖସି ଯାଇଥିଲା। ଫଳରେ ଗାଡ଼ି ଚାଳକ ଗାଡ଼ି ତଳେ ଚାପି ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ଖଲାସି ଗୁରୁତର ଆହତ ହୋଇ ବଣେଇ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଣେଇ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ମୃତ ଚାଳକ ଉତ୍ତରପ୍ରଦେଶ କୁସୁମଡ଼ିହି ଅଞ୍ଚଳର ହୋଇଥିବାବେଳେ ଆହତ ଖଲାସୀ ଜରମେନ ସିଂ ବୋଲି ତଦନ୍ତରୁ ଜଣାପଡ଼ିଛି।

# ୨୮୭ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଏକକାଳୀନ ଯୋଡ଼ି ଭର୍ଚୁଆଲ କ୍ଲାସ୍

ସୁନ୍ଦରଗଡ଼, ୧୩।୮ (ଡି.ଏନ୍.ଏ.)



'ଭର୍ଚୁଆଲ କ୍ଲାସ୍'ମାଧ୍ୟରେ ଶିକ୍ଷକ ପଢାଉଛନ୍ତି।

ଜଣେ ଶିକ୍ଷକ ଗୋଟିଏ ଶ୍ରେଣୀଗୃହରେ ରହି ହୁଏତ ୨୫ ରୁ ୩୦ ଛାତ୍ରୀଛାତ୍ରଙ୍କୁ ପାଠ ପାଇଥାନ୍ତି। କିନ୍ତୁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଯେତେବେଳେ ସେହି ଶିକ୍ଷକଙ୍କୁ ଶତାଧିକ ସ୍କୁଲରେ ଥିବା ଛାତ୍ରୀଛାତ୍ରଙ୍କ ସହ ସିଧାସଳଖ ଯୋଡ଼ି ଦିଆଯାଏ ସେ ଏକ ସମୟରେ ୫ରୁ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ପଢ଼ାଇ ପାରନ୍ତି। ସୁନ୍ଦରଗଡ଼ ଜିଲା ପ୍ରଶାସନ ଚଳାଇଥିବା 'ଭର୍ଚୁଆଲ କ୍ଲାସ' ଏହାର ଏକ ଉଦାହରଣ। ୨୦୧୯ରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ବିନିଯୋଗ କରି ଏହି 'ଭର୍ଚୁଆଲ କ୍ଲାସ' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ଅଧୀନରେ ଭି-ସାର୍ଟ ଲିଙ୍କ ମାଧ୍ୟମରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ୭୦ଟି ସ୍କୁଲକୁ ଯୋଡ଼ା ଯାଇଥିଲା। ଆଜି ସେହି ସଂଖ୍ୟା ୨୮୭ଟି ସ୍କୁଲର ୫୭୨ଟି କ୍ଲାସରୁମକୁ ସମ୍ପ୍ରସାରିତ ହୋଇପାରିଛି। ଏହା ଫଳରେ ୪୦ ହଜାରରୁ ଅଧିକ ଛାତ୍ରୀଛାତ୍ର ବିଶେଷ ଉପକୃତ ହେଉଛନ୍ତି।

ଭର୍ଚୁଆଲ କ୍ଲାସ ମାଧ୍ୟମରେ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକମାନେ ଷ୍ଟୁଡିଓରେ ଥାଇ ଆମକୁ ଭଲଭାବେ ପାଠ ବୁଝାଉଛନ୍ତି। ସେମାନେ ବିଭିନ୍ନ ଚିତ୍ର ଏବଂ ଭିଡିଓ ଦେଖାଇ ପାଠ ପଢାଉଥିବାରୁ ଅଧିକ ଆଗ୍ରହ ଲାଗୁଛି। ପାଠକୁ ନେଇ ଆମ ମନରେ ଯାହା ପ୍ରଶ୍ନ ରହୁଛି ଆମେ ସେଠି ସିଧାସଳଖ ତାଙ୍କୁ ପଚାରି ତା'ର ଉତ୍ତର ପାଇପାରୁଛୁ ବୋଲି କହିଛନ୍ତି ସବଡେଗା ବ୍ଲକର ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମୋନାଲିସା ବାଗ। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଏବେ ବିଜ୍ଞାନ, ଗଣିତ ଏବଂ ଭୂଗୋଳ ଆଦି ବିଷୟକୁ ପାୱାରପଏଣ୍ଟ ବ୍ୟବହାର କରି ପଢାଯାଉଛି। ଏହି ନୂଆ ଧାରା ଫଳରେ ସେମାନଙ୍କ ମଧ୍ୟରେ ପାଠପ୍ରତି ଆଗ୍ରହ ବଢିପାରିଛି ବୋଲି ବଡ଼ଗାଁ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁନିତା ଲାକ୍ରା କହିଛନ୍ତି। ଭର୍ଚୁଆଲ କ୍ଲାସ କାର୍ଯ୍ୟକ୍ରମର ପରିଚାଳନା ପାଇଁ ସୁନ୍ଦରଗଡ଼ଠାରେ ଏକ ସ୍ୱତନ୍ତ୍ର ଷ୍ଟୁଡିଓ ସ୍ଥାପନ କରାଯାଇଛି। ଭି-ସାର୍ଟ ଲିଙ୍କ ଜରିଆରେ ଏହି ଷ୍ଟୁଡିଓକୁ ସିଧାସଳଖ ଜିଲାର ବିଭିନ୍ନ ସ୍କୁଲର ସ୍ମାର୍ଟ କ୍ଲାସରୁମ ସହିତ ଯୋଡ଼ି ଦିଆଯାଇଛି। ଫଳରେ ଜିଲାର ତାଲିମପ୍ରାପ୍ତ ଓ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକମାନେ ଭର୍ଚୁଆଲ ଷ୍ଟୁଡିଓରେ ଉପସ୍ଥିତ ରହି ଲାଇଭ୍ କ୍ଲାସ ମାଧ୍ୟମରେ ଏକ ସମୟରେ ଶତାଧିକ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇପାରୁଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି ଯେ, ଜିଲାରେ ଚାଲିଥିବା ଭର୍ଚୁଆଲ କ୍ଲାସ କାର୍ଯ୍ୟକ୍ରମ ଶିକ୍ଷାଦାନ କ୍ଷେତ୍ରରେ ଏକ ନୂଆ ଧାରା। ଭର୍ଚୁଆଲ କ୍ଲାସ ବ୍ୟବସ୍ଥା ସହିତ ଜିଲାର ବିଭିନ୍ନ ସରକାରୀ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଯୋଡ଼ା ଯାଉଛି।

ଏହି ଭର୍ଚୁଆଲ କ୍ଲାସ ବର୍ତ୍ତମାନ ସପ୍ତାହରେ ୫ ଦିନ -ସୋମବାରଠାରୁ ଶୁକ୍ରବାର ଯାଏଁ ଚାଲୁଛି। ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିଦିନ ଦୁଇଟି ଲେଖାଏଁ ପିରିୟଡରେ ପାଠପଢା ଯାଉଛି। ସେହିପରି ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନିୟମିତ ବ୍ୟବଧାନରେ ପାଳିକରି ବିଭିନ୍ନ ବିଷୟରେ ଶିକ୍ଷାଦାନ କରାଯାଉଛି। ଭର୍ଚୁଆଲ ଷ୍ଟୁଡିଓରେ ସ୍ମାର୍ଟ ବୋର୍ଡ ମାଧ୍ୟମରେ ପିପିଟି ତଥା ଭିଡିଓ ଏବଂ ଆନିମେସନ ବ୍ୟବହାର କରି ଶିକ୍ଷୟିତ୍ରୀଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ନିଜ ଶ୍ରେଣୀଗୃହରେ ବସି ସେଠାରେ ଥିବା ସ୍ମାର୍ଟ ବୋର୍ଡ ମାଧ୍ୟମରେ ଭର୍ଚୁଆଲ ଷ୍ଟୁଡିଓରେ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଯୋଡ଼ି ହେଉଛନ୍ତି। ଏହି ବ୍ୟବସ୍ଥାରେ ଉଭୟ ପଟୁ କଥାବାର୍ତ୍ତା କରିବା ଲାଗି ସୁବିଧା କରାଯାଇଥିବାରୁ ଛାତ୍ରୀଛାତ୍ର ଶିକ୍ଷକଙ୍କୁ ପ୍ରଶ୍ନ ପଚାରି ତା'ର ଉତ୍ତର ପାଇପାରୁଛନ୍ତି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ସୁନ୍ଦରଗଡ଼ ଜିଲାରେ ଅତ୍ୟାଧୁନିକ ବିଜ୍ଞାନାଗାର କରାଯାଇଛି। ସେଠାରେ ବିଭିନ୍ନ ଆଧୁନିକ ବୈଜ୍ଞାନିକ ପ୍ରୟୋଗ ଲାଗି ସୁବିଧା ରହିଛି। ଭର୍ଚୁଆଲ କ୍ଲାସ ମାଧ୍ୟମରେ ଜିଲାର ଦକ୍ଷ ବିଜ୍ଞାନ ଶିକ୍ଷୟିତ୍ରୀ/ଶିକ୍ଷକମାନେ ସୁନ୍ଦରଗଡ଼ ଷ୍ଟୁଡିଓରେ ରହି ବିଜ୍ଞାନର ବିଭିନ୍ନ ପ୍ରକାର ପ୍ରୟୋଗ କରି ଦେଖାଉଛନ୍ତି। ଏହା ଫଳରେ ଏକ ସମୟରେ ଜିଲାର ଶତାଧିକ ସ୍କୁଲର ଛାତ୍ରୀଛାତ୍ର ତାହା ଦେଖି ଶିଖିପାରୁଛନ୍ତି। ତା'ଛଡ଼ା ସମ୍ପୃକ୍ତ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ/ଶିକ୍ଷକ ଏଥିରୁ ଶିଖି ନିଜ ସ୍କୁଲରେ ପିଲାଙ୍କୁ ସେଗୁଡ଼ିକ ପ୍ରୟୋଗ କରି ଦେଖାଉଛନ୍ତି।

### ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଅଗଷ୍ଟ ୧୬ରୁ ଆମରଣ ଅନଶନ

## ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ଦାବି

ସୁନ୍ଦରଗଡ଼, ୧୩।୮ (ଡି.ଏନ.ଏ.)

ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ଦାବି ନେଇ ଆସନ୍ତା ୧୬ ତାରିଖଠାରୁ ପଶ୍ଚିମ ଓଡ଼ିଶା ଯୁବମଞ୍ଚ ପକ୍ଷରୁ ଆମରଣ ଅନଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଯୁବାମଞ୍ଚ ପକ୍ଷରୁ କୁହାଯାଇଛି ଯେ, ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଥିବାବେଳେ ସୁନ୍ଦରଗଡ଼ରେ ଏମ୍ସ ପାଇଁ ଯେଉଁ ଦାବି ଉଠି ଆସୁଥିଲା ତାହାକୁ ମଧ୍ୟ ଏବେ କେନ୍ଦ୍ର ସରକାର ନା କରି ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ବଡ଼ ମେଡିକାଲ ଏକମାତ୍ର ବୁର୍ଲା ହସ୍ପିଟାଲକୁ ଲୋକେ ନିର୍ଭର କରୁଛନ୍ତି। ସେଇ ଠୁ ପୁଣି ଗୁରୁତର ରୋଗୀମାନଙ୍କୁ କଟକ, ଭୁବନେଶ୍ୱର ପଠାଯାଉଛି। ସେଇଠି ଯାଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଆସନ୍ତା ଅଗଷ୍ଟ ୧୬ ତାରିଖ ସକାଳ ୯ଟାରୁ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡରେ ଏମ୍ସ ପ୍ରତିଷ୍ଠା ଦାବିକରି ଏହି ଆମରଣ ଅନଶନ କରାଯିବ। ଯୁବାମଞ୍ଚ ପକ୍ଷରୁ ସୁନ୍ଦରଗଡ ସମେତ ପଶ୍ଚିମ ଓଡ଼ିଶାର ସବୁ ସଙ୍ଗଠନ, ରାଜନୈତିକ ଦଳ, ଜନସାଧାରଣ, ସ୍ୱେଚ୍ଛାସେବୀ, ସମସ୍ତଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି।

## ଭାରତମାତାର ଜୟଧ୍ୱନି ସହ କୁତ୍ରା ତ୍ରିରଙ୍ଗାମୟ


କୁତ୍ରାରେ ହର ଘର ତ୍ରିରଙ୍ଗା ଅଭିଯାନ।

କୁତ୍ରା, ୧୩।୮ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ଶନିବାର ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ଓ ହର ଘର ତ୍ରିରଙ୍ଗା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହାକୁ ଅନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରଶାଦ ଟପ୍ପୋ, ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁଜୁର ପ୍ରମୁଖ ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟର ସ୍କାଉଟ ଗାଇଡ, ଜୁନିୟର ରେଡକ୍ରସ, ଏନସିସି କ୍ୟାଡେଟ, ସବୁଜବାହିନୀର ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ତଥା ସ୍ଥାନୀୟ ଶିକ୍ଷୟିତ୍ରୀ ଶିକ୍ଷକ ହାତରେ ତ୍ରିରଙ୍ଗା ପତାକା ଧରି ହରଘର ତ୍ରିରଙ୍ଗାର ଅଭିଯାନରେ ବାହାରିଥିଲେ। ଭାରତମାତାର ଜୟଧ୍ୱନି ସହ ତ୍ରିରଙ୍ଗାମୟ ହୋଇଉଠିଥିଲା କୁତ୍ରା। ପରେ କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡ଼ା, କୁତ୍ରା ସରପଞ୍ଚ ଭୂବନ କୁଜୁର, ଆଲୁମିନି ପ୍ରଦୀପ ମଲୁଆ, ରାଜେଶ ସାହୁ, ଦେବାଶିଷ ସାହୁ, ସୁରେଶ ଚନ୍ଦ୍ର ଟପ୍ପୋ, ନାରୀନେତ୍ରୀ ତରୁଣିଲତା ସୁନ୍ୟାନୀ, ପୂର୍ଣ୍ଣିମା ସାହୁ, ସୌଦାମିନି ବେହେରା, ମନ୍ଦାକିନି ପଟେଲ, କୁନି ସାହୁ ପ୍ରମୁଖ ଶୋଭାଯାତ୍ରାରେ ଯୋଗଦେଇଥିଲେ। କୁତ୍ରା ଉଚ୍ଚ ବିଦ୍ୟାଳୟରୁ ରାଲି ଆରମ୍ଭ ହୋଇ ରାଜ୍ୟ ରାଜପଥ ଦେଇ କୁତ୍ରା ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିବାବେଳେ ଗାଇଡ କ୍ୟାପଟେନ ଦୀପିକା କେରକେଟା, ସ୍କାଉଟ ମାଷ୍ଟର ଧୃତିସୁନ୍ଦର ସାହୁ, ଜୁନିୟର ରେଡକ୍ରସ ପରାମର୍ଶଦାତ୍ରୀ ସୁନୀତା ପଟେଲ, ଏନସିସିଏନ ଜସ୍ମିନ ମିଞ୍ଜ, ଅନୁୱର ଅହମ୍ମଦ, ଆକାଶ ସାମରିଆଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଲେଫ୍ରିପଡ଼ା ବ୍ଲକ ଅଞ୍ଚଳରେ ଆଜାଦି କା ଅମୃତ ମହୋତ୍ସବ ପାଳିତ

ଲେଫ୍ରିପଡ଼ା, ୧୩।୮ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନରେ ଆଜାଦି କା ଅମୃତ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥି ମଧ୍ୟରେ ଗିରିଙ୍ଗକେଲା କ୍ଲଷ୍ଟର ପଟୁଆଡ଼ିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଏକାଠି ରୁଣ୍ଡ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ଗ୍ରାମରେ ପ୍ରଭାତ ଫେରି ପରିବେଷଣ କରିଥିଲେ। ପ୍ରଭାତ ଫେରି ପରେ ବିଦ୍ୟାଳୟରେ ପହଞ୍ଚି ଦେଶ ପାଇଁ ବଳିଦାନ ଦେଇଥିବା ଜନନାୟକ ମହାପୁରୁଷମାନଙ୍କ ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଠିକ ସେହିପରି ଭାବେ ଲେଫ୍ରିପଡାରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ବ୍ଲକ କାର୍ଯ୍ୟାଳୟ, ଲ୍ୟାମ୍ପସ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇ ତ୍ରିରଙ୍ଗା ବଣ୍ଟନ କରିଥିଲେ। ସର୍ଗିପାଲି ଏବଂ ଦର୍ଲିପାଲିର ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଏନଟିପିସି କମ୍ପାନୀଠାରେ ମଧ୍ୟ ଆଜାଦି କା ଅମୃତ ମହୋତ୍ସବ ପାଳନ ଆକର୍ଷିତ ହୋଇଥିଲା। ବର୍ଷା ସତ୍ୱେ ମଧ୍ୟ ସ୍କୁଲ ପିଲା ଏବଂ ଜନସାଧାରଣ ମଧ୍ୟରେ ହର ଘର ତ୍ରିରଙ୍ଗା ଖୁସିର ପରିବେଶରେ ପାଳିତ କରାଯାଇ ଜନସାଧାରଣ ଘରେ ଘରେ ତ୍ରିରଙ୍ଗା ଲଗାଇଥିଲେ।


ଛାତ୍ରୀଛାତ୍ର ତ୍ରିରଙ୍ଗା ପତାକା ଧରି ଗ୍ରାମରେ ପ୍ରଭାତ ଫେରି କରୁଛନ୍ତି।

## ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଦେବଗଡ଼, ୧୩।୮ (ଡି.ଏନ୍.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତୀ ଉତ୍ସବ ପାଳନ ଅବସରରେ ଦେବଗଡସ୍ଥିତ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ରିଆମାଳ ବ୍ଲକ ନୂଆଁଡିହି ଗ୍ରାମ ପଞ୍ଚାୟତର ପଞ୍ଚପାଲି ସରକାରୀ ହାଇସ୍କୁଲରେ ଶନିବାର ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ହୃଷିକେଶ ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଲେଖ କୁମାର ଗଡନାୟକ ଯୋଗଦେଇ ଭାରତର ସ୍ୱାଧୀନତାରେ ବୀର ପୁରୁଷଙ୍କ ବଳିଦାନ ଓ ଭାରତର ଅଖଣ୍ଡତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂସ୍ଥାନର ନିର୍ଦ୍ଦେଶକ ଦୀପକ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ, ତପନ କୁମାର ବେହେରା, ଝସକେତନ ଭୋଇ, ଓମ ପ୍ରକାଶ ପ୍ରଧାନ ଓ ନଳିନୀକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସ୍କୁଲ ଛାତ୍ରଛାତ୍ରୀ ଏକ ତ୍ରିରଙ୍ଗା ପଦଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂସ୍ଥାନର କର୍ମୀ ସୁଧିର କୁମାର ପ୍ରଧାନ, ସ୍ୱର୍ଣ୍ଣମୟୀ ଗଡେଇ ଓ ସୋନିକା ପ୍ରଧାନ ସହଯୋଗ କରିଥିଲେ।

## ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ

କୁଆଁରମୁଣ୍ଡା, ୧୩।୮ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତର ସିଟି ସ୍କୁଲ ରୋଡରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଦିନିକିଆ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହେବା ସହ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗ ମୋଟ ୩ଟି ବର୍ଗରେ ବିଦ୍ୟାର୍ଥୀମାନଙ୍କୁ ଭାଗ କରାଯାଇ ସଂସ୍କୃତି ଜ୍ଞାନ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ନିବନ୍ଧ ପ୍ରତିଯୋଗିତା, ବିଜ୍ଞାନ ପ୍ରକଳ୍ପ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବର୍ଗରେ ୪୬, ବାଲ ଗର୍ବରେ ୧୭୯ ଓ କିଶୋର ବର୍ଗରେ ୨୭ ସର୍ବମୋଟ ୨୫୨ ଜଣ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସାମାଜିକ କର୍ମୀ ଉଦୟ ଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୩ଟାରେ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର କୋଷାଧ୍ୟକ୍ଷ ଘନଶ୍ୟାମ ଦେବତା, ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର, ବିଜ୍ଞାନ ଆଚାର୍ଯ୍ୟ ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ଗୌରାଙ୍ଗ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅମୃତ ମହୋତ୍ସବ ଅବସରରେ ହେମଗିରରେ ତ୍ରିରଙ୍ଗା ଯାତ୍ରା

ହେମଗିର, ୧୩।୮ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିରଠାରେ ଶନିବାର ସ୍ୱାଧୀନତାର ୭୫ବର୍ଷ ପୂରଣ ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ଅଂଶଗ୍ରହଣ କରିଥିଲେ। ସାରା ଦେଶ ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ହେମଗିର ବିଡିଓ ଡ. ଜଗଦିସ ମହାନନ୍ଦଙ୍କ ତତ୍ତ୍ୱାବଧାନ କ୍ରମେ ହେମଗିର ବ୍ଲକ କାର୍ଯ୍ୟାଳୟରୁ ଏକ ବିଶାଳ ରାଲି ବାହାରି ହେମଗିର ଗ୍ରାମ ପରିକ୍ରମା କରିବା ସହିତ ଘର ଘର ତ୍ରିରଙ୍ଗା ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା।



ସେହିପରି ଭାବରେ କନିକାଠାରେ ମଧ୍ୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନଗର ପରିକ୍ରମା କରି ଅମୃତ ମହୋତ୍ସବ ପାଳନ କରାଯାଇଥିଲା।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ସୁନ୍ଦରଗଡ଼, ୧୩।୮ (ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ପାଳନ କରାଯାଉଛି ଅମୃତ ମହୋତ୍ସବ। ଏହି ପରିପ୍ରେକ୍ଷୀରେ ଶନିବାର ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ବିଶାଳ ଶୋଭାଯାତ୍ରାରେ ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ସହର ପରିକ୍ରମା କରି ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡାଇବାର ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ: ଲଳିତ ରଞ୍ଜନ ସାହୁ ଓ ଛାତ୍ର ସଂସଦର ପୂର୍ବତନ ସଭାପତି ନଟକିଶୋର ମିଶ୍ର ପତାକା ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଏନସିସି, ଏନ୍‌ଏସଏସ, ଯୁବରେଡକ୍ରସର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସରକାରୀ ମହାବିଦ୍ୟାଳୟ ଠାରୁ ବାହାରି ହସପିଟାଲ ଛକ, ବିଏସ ହାଇସ୍କୁଲ ଛକ, ସରକାରୀ ବସଷ୍ଟାଣ୍ଡ ଛକ, ଡିଆରଡିଏ ଛକ ଦେଇ ପୁଣି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟ ପତାକା ସମ୍ବନ୍ଧୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

## 'ନୂଆ ବ୍ରାହ୍ମଣୀ ବ୍ରିଜ୍ ରାଉରକେଲାବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଉପହାର'

ରାଉରକେଲା ଅଫିସ, ୧୩।୮

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ଦୁଇଟି ବ୍ରିଜ୍ ଓ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ମୋଦି ସରକାରଙ୍କ ଓଡ଼ିଶା ଏବଂ ରାଉରକେଲାବାସୀଙ୍କୁ ଅଗଷ୍ଟ ୧୫ ସ୍ୱାଧୀନତା ଦିବସର ଉପହାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଦିନିକିଆ ରାଉରକେଲା ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଇସ୍ପାତ ନଗରୀ ରାଉରକେଲାର ଲାଇଫ୍‌ଲାଇନ ବ୍ରାହ୍ମଣୀ ବ୍ରିଜ୍ ଉପରେ ଗୋଟିଏ ବିକଳ୍ପ ସେତୁ ନିର୍ମାଣ ଯୋଗୁ



ତ୍ରିରଙ୍ଗା ଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ୍।

ଜିଲାବାସୀଙ୍କ ଦୀର୍ଘ ଦିନର ଆଶା ଓ ଆକାଂକ୍ଷାକୁ ପୂରଣ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ମୋଦି ଯେଉଁ ଦାୟିତ୍ୱ ନିଅନ୍ତି ତାହାକୁ କାର୍ଯ୍ୟରେ କରିକି ଦେଖାନ୍ତି। କେବଳ ରାସ୍ତାକାମ ନୁହେଁ ବରଂ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ରାଉରେକେଲା ଏୟାରପୋର୍ଟର ପୂର୍ଣ୍ଣାଙ୍ଗ ରୂପ ଏବଂ ଏଠାରେ ସୁପର ସ୍ପେଶାଲିଟି ହସ୍ପିଟାଲର ବ୍ୟବସ୍ଥା ସମେତ ଶିଳ୍ପାଞ୍ଚଳ ରାଉରକେଲାର ସର୍ବାଙ୍ଗୀନ ବିକାଶ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିର୍ସା ମୁଣ୍ଡା ଛକରୁ ବ୍ରାହ୍ମଣୀ ନୂଆ ବ୍ରିଜ୍ ପର୍ଯ୍ୟନ୍ତ ହର୍ ଘର୍ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

କର୍ଲାମୁଣ୍ଡା,(ଡି.ଏନ.ଏ.): କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଲଗାଣ ବର୍ଷାରେ ବହୁ ମାଟିଘର ଭାଙ୍ଗିଯାଇଛି। ଏହି ବ୍ଲକର ଟେଟଙ୍ଗପଦର ଗାଁର ହେମ ନାଗ ଓ ଶେଷଦେବ ନାଗଙ୍କ ଘର ଭାଙ୍ଗିଛି। ସେହିପରି ରିଞ୍ଜା ପଞ୍ଚାୟତର ରିଞ୍ଜା ବସ୍ତିର ତିଲୋତ୍ତମା ସାହୁ, ସୂର୍ଯ୍ୟମଣି ସାହୁ, ତପନ ସାହୁଙ୍କ ଘର ଭାଙ୍ଗିଥିବା ଖବର ମିଳିଛି। ଗଜବାହଲ ସରପଞ୍ଚ ଅରବିନ୍ଦ ଗହୀର ବିପନ୍ନ ପରିବାରଙ୍କୁ ଭେଟି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ରିଞ୍ଜା ସରପଞ୍ଚ ପଞ୍ଚାନନ ବାଗ ବିପନ୍ନ ପରିବାରକୁ ଭେଟି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ଚେଷ୍ଟା ଚାଲିଥିବା କହିଛନ୍ତି।

## ସଂକ୍ଷେପରେ

### ବିରଳ ବହୁରୂପୀ ଏଣ୍ଡୁଅ ଉଦ୍ଧାର



ଉଦ୍ଧାର ଏଣ୍ଡୁଅ।

ଖପ୍ରାଖୋଲ,୧୩।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁର ଜଣେ ବ୍ୟକ୍ତିଙ୍କ ବାଡ଼ିରୁ ଶନିବାର ଏକ ବିରଳ ବହୁରୂପୀ ଏଣ୍ଡୁଅ ବନ ବିଭାଗ ଉଦ୍ଧାର କରିଛି। ସଦାନନ ଖମାରୀଙ୍କ ତାଙ୍କ ବାଡ଼ିରେ ଥିବା ଏକ ଗଛରେ ଏଣ୍ଡୁଅକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନରକ୍ଷୀ ମହେନ୍ଦ୍ର କାଲସାଏ, ମିଥୁନ ମିର୍ଦ୍ଧା, ଆମ ଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଏଣ୍ଡୁଅକୁ ସୁରକ୍ଷିତ ଉଦ୍ଧାର କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ଜ୍ୟୋତି ରଞ୍ଜନ ପଣ୍ଡା, ଗଗନ ପଣ୍ଡା ଓ ବନ କର୍ମଚାରୀ ଏଣ୍ଡୁଅକୁ ଗନ୍ଧମାର୍ଦନ ପାହାଡ଼ରେ ଛାଡି ଦେଇଛନ୍ତି। ଗାଁକୁ ଲାଗି ଗନ୍ଧମାର୍ଦ୍ଦନ ପାହାଡ଼ ଥିବାରୁ ଏଣ୍ଡୁଅ ଗାଁକୁ ଚାଲି ଆସିଥିବା କୁହାଯାଉଛି। ଗନ୍ଧମାର୍ଦ୍ଦନରେ ଅନେକ ବିରଳ ଜୀବ ଥିବାରୁ ତାର ସୁରକ୍ଷା ପାଇଁ ବନ ବିଭାଗ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ଥିବା ସାଧାରଣରେ ମତପ୍ରକାଶ ପାଇଛି।

### ତ୍ରିରଙ୍ଗାମୟ ହେଲା ଟିଟିଲାଗଡ଼

ଟିଟିଲାଗଡ଼,୧୩।୮(ଡି.ଏନ.ଏ): ଆଜାଦିର ଅମୃତ ମହୋତ୍ସବ ଟିଟିଲାଗଡ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି କରିଛି। କଂଗ୍ରେସ ଦଳ ଜାତୀୟ ପତକା ଧରି ଗାଁଗଣ୍ଡା ବୁଲି ଥିବା ବେଳେ ସହରରେ ପ୍ରଶାସନ ସମେତ ଭାଜପା, ବିଜେଡି ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ନେଇ ସଚେତନତା ସୃଷ୍ଟି କରାଯାଇଥିବା ଦେଖିବାକୁ ମିଳିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୫ ହଜାର ଏବଂ ପୌର ପରିଷଦ ପକ୍ଷରୁ ୯ ହଜାର ପତାକା ନାଗରିକଙ୍କୁ ବଣ୍ଟନ କରାଯାଇଛି। ସେହିପରି ପୋଷ୍ଟ ଅଫିସ ଜରିଆରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟରେ ତ୍ରିରଙ୍ଗା ପତାକା ବଣ୍ଟନ କରାଯାଇଛି। ଭାଜପା ପକ୍ଷରୁ ଆସିଥିବା ପତାକା ସାଂସଦ ପ୍ରତିନିଧି ଗୁଲାବ ସୋନି, ସଞ୍ଜୟ ତ୍ରିପାଠୀ, ଚିନ୍ତାମଣୀ ସାହୁ ଲୋକଙ୍କୁ ମାଗଣାରେ ବଣ୍ଟନ କରିଛନ୍ତି। ପ୍ରେମ କୁମାରଙ୍କ ପକ୍ଷରୁ ୨ ହଜାର ପତାକା ମାଗଣାରେ ବିଭିନ୍ନ ଗ୍ରାମାଞ୍ଚଳରେ ଆବଣ୍ଟନ କରାଯାଇଛି। ଜାତିଧର୍ମ, ଦଳମତ ନିର୍ବିଶେଷରେ ସମସ୍ତ ନାଗରିକ ମହାସମାରୋହରେ ଉତ୍ସବ ପାଳନ କରିବାକୁ ଟିଟିଲାଗଡ ନାଗରିକ କମିଟି ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ ପରାମର୍ଶ ଦେଇଛନ୍ତି।

# ଭୂତଳ ପାଇପ ପାଇଁ ୧୦୦୭ କୋଟି ମଞ୍ଜୁର

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ଖବରଦାତାରେ ସୂଚନା ଦେଲେ ଜଳସମ୍ପଦ ବିଭାଗ ମନ୍ତ୍ରୀ
- ଭୂତଳ ପାଇପ ଜଳସେଚନ ପାଇଁ ୯୯୮ କୋଟି
- ୩୦ ମାସରେ ସମ୍ପୂର୍ଣ୍ଣ ହେବ କାମ
- ବଲାଙ୍ଗୀର ସହରକୁ ମିଳିବ ୧୭.୮୯ ନିୟୁତ କ୍ୟୁବିକ୍ ମିଟର ପିଇବା ପାଣି
- ବିସ୍ଥାପିତ, ଜିଲାପାଳଙ୍କୁ ନେଇ ଖୁବ୍‌ଶୀଘ୍ର ହେବ ବୈଠକ




ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଟୁକୁନୀ ସାହୁ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଅଫିସ,୧୩।୮

ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରେ କାର୍ଯ୍ୟକାରୀ ହେବାକୁ ଥିବା ଭୂତଳ ପାଇପ ଜଳସେଚନ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏ ସଂକ୍ରାନ୍ତରେ କ୍ୟାବିନେଟ୍ ନିଷ୍ପତ୍ତି ହୋଇଥିବା ଜଳସମ୍ପଦ ବିଭାଗ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ମନ୍ତ୍ରୀ ସାହୁ ସୂଚନା ଦେଇ କହିଛନ୍ତି ଯେ, ସର୍ବନିମ୍ନ ଭୂମି ଅଧିଗ୍ରହଣ ଦ୍ୱାରା ଜଳସେଚନ ପ୍ରକଳ୍ପର କ୍ଷମତା ବୃଦ୍ଧି କରାଯିବ। ଜଳସେଚନ, ପାନୀୟ ଜଳ ଯୋଗାଣ ସହିତ ପାଣିର ଅପବ୍ୟବହାର ରୋକିବା ପାଇଁ ଖୋଲା କେନାଲ ଜଳସେଚନ ବ୍ୟବସ୍ଥା ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ (ୟୁଜିପିଏଲ) କରାଯିବ ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ଭୂତଳ ଜଳସେଚନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ୯୯୮ କୋଟି ଏବଂ ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮ କୋଟି ୯୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ମ୍ୟୁନିସିପାଲିଟି ସହିତ ବଲାଙ୍ଗୀର, ଦେଓଗାଁ, ପୁଇଁତଲା ଏବଂ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ୨୭ ହଜାର ହେକ୍ଟର ଜମି ଜଳସେଚିତ ହେବ। ଏହା ସହିତ ବଲାଙ୍ଗୀର ସହରବାସୀଙ୍କ ପାନୀୟ ଜଳ ଆବଶ୍ୟକତା ପୂରଣ ନିମନ୍ତେ ୧୭.୮୯ ନିୟୁତ କ୍ୟୁବିକ୍ ମିଟର ପିଇବା ପାଣି ମିଳିବ ବୋଲି ସୂଚନା ଦେଇଥିଲେ। ୨୦୨୩ ସୁଦ୍ଧା ପ୍ରକଳ୍ପ ସମାପ୍ତ ହେବ ବୋଲି ସେ କହିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀ ସାହୁଙ୍କୁ ପ୍ରଶ୍ନ କରିଥିଲେ ଯେ, ଡ୍ୟାମ କାମ ୯୦ ପ୍ରତିଶତ ସରିଯାଇଥିବାବେଳେ ଗଡଶଙ୍କର ଡୁଙ୍ଗୁରିପାଲି ଅଞ୍ଚଳର କିଛି ଗାଁରେ ସର୍ଭେ ପାଇଁ ପ୍ଲାଟୁନ ପ୍ଲାଟୁନ ପୋଲିସ ଫୋର୍ସ ଲଗାଯାଇ ବୁଡି ଅଞ୍ଚଳବାସୀ ହଇରାଣ କରାଯାଉଥିବା ଅଭିଯୋଗ କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ଓଡିଶା ସରକାର କେବେ କାହାକୁ ହଇରାଣ କରିବାକୁ ଚାହାନ୍ତି ନାହିଁ। ବିସ୍ଥାପିତଙ୍କ ସମସ୍ୟା ସମାଧାନ ଉପରେ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଖୁବ୍ ଶୀଘ୍ର ବିସ୍ଥାପିତ ଲୋକଙ୍କୁ ଓ ଜିଲାପାଳଙ୍କୁ ଡାକି ଏ ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ଦୁଇ ମାସ ହେଲା ଜଳସମ୍ପଦ ବିଭାଗ ମନ୍ତ୍ରୀ ଦାୟିତ୍ୱ ନେଇଥିବାରୁ ବିଶେଷ କିଛି ଜାଣିପାରିନାହିଁ। ଏଣୁ ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ ଯେପରି ଶୀଘ୍ର ସରିବ ସେଦିଗରେ କାମ କରିବି ବୋଲି କହିଥିଲେ। ଏହି ଅବସରରେ ଜିଲାରେ ଅନ୍ୟ ୬/୭ଟି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ରାହୁଲ, ତେଲନଦୀରେ ବ୍ୟାରେଜ୍ ନିର୍ମାଣ କରାଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ପାଟଣାଗଡ ବିଧାୟକ ସରୋଜ ମେହେର, ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ, ବିଜେଡି ନେତା ଅଜୟ ଦାସ, ନିହାର ବେହେରା, ଲୋଟସ ଷଡଙ୍ଗୀ, ରାଜେନ୍ଦ୍ର ହୋତା, ଫିରୋଜ ଖାନ୍, କାଉନସିଲର ଶମ୍ଭୁ ନାଗ ମଞ୍ଚାସୀନ ଥିଲେ।

## ଆଜାଦୀ କା ଅମୃତ ମହୋତ୍ସବ ନେଇ ବୈଠକ

ଭବାନୀପାଟଣା,୧୩।୮(ସ୍ୱ.ପ୍ର.)

ଭବାନୀପାଟଣାସ୍ଥିତ ଓସୱାନ କେନ୍ଦ୍ରରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକର ବିଡିଓ, ଏନଏସି ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଜିଲା ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ୧ ଲକ୍ଷ ଜାତୀୟ ପତାକା ଗତ ୧୨ ତାରିଖରୁ ସମସ୍ତ ବ୍ଲକ, ଏନଏସି ଓ ମ୍ୟୁନିସିପାଲଟିରେ ବଣ୍ଟନ କରାଯାଉଛି। ମୁଖ୍ୟରାସ୍ତା, ଗଳିରେ ଥିବା ବ୍ୟକ୍ତିଗତ ଘରେ ଆଜିଠୁ ୧୫ ତାରିଖ ଯାଏ ଦିବାରାତ୍ର ଜାତୀୟ ପତାକା ଉଡାଇପାରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଦୁଇଟି ଏଲଇଡି ଭ୍ୟାନ ସେପ୍ଟେମ୍ବର ୩ରୁ ୬ତାରିଖ ପର୍ଯ୍ୟନ୍ତ ବ୍ଲକ ମୁଖ୍ୟାଳୟ ଓ ପଞ୍ଚାୟତରେ ନିର୍ଦ୍ଧାରିତ ରୁଟରେ ବୁଲିବ। ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ଉର୍ଲାଦାନିସ୍ଥିତ ସହିଦ ରେଣ୍ଡୋ ମାଝୀଙ୍କ ସ୍ମୃତିସ୍ତମ୍ଭରେ ବିଶେଷ କାର୍ଯ୍ୟକ୍ରମ ହେବ। ଆସନ୍ତା ୧୫ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟଠାରେ ବିଶିଷ୍ଟ ଚିତ୍ରକାରମାନଙ୍କ ସହଯୋଗରେ ପେଣ୍ଟିଂ କାର୍ଯ୍ୟକ୍ରମ ହେବ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ପଟେଲ, ଉପଜିଲାପାଳ ଡ. ବି. ଦାସ, ସିଡ଼ିଏମଓ ଡ. ରଞ୍ଜନ ମିତ୍ର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ରେଜିଷ୍ଟ୍ରାର ପୀତାମ୍ବର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ମୋଟର ଚୋରି ଘଟଣା: ୬ଗିରଫ

ଖପ୍ରାଖୋଲ, ୧୩।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅଞ୍ଚଳରେ କିଛି ଦିନ ହେଲା ପାଣି ମୋଟର ଚୋରି ଅଭିଯୋଗ ହୋଇ ଆସୁଥିଲା। ଖପ୍ରାଖୋଲ ପୋଲିସ ଏହି ଘଟଣାରେ ୬ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ଥାନା ସାନ ବିଛିଲିବାହାଲ ଗାଁର ପ୍ରଜ୍ଞାନ ଓରଫ କଦମ ବାରିହା (୨୨), ଟୁଲାଦୋରୋ ଗାଁର ସୁଶାନ୍ତ ବରିହା (୩୦), ଉତ୍ତମ ବରିହା(୨୨), ରାମପୁରର ତ୍ରୀପତି ନାଗ(୨୬), ଶ୍ରୀନିବାସ ଜେନା(୪୨), କୁକୁରମୁଣ୍ଡାର ବନମାଳୀ ମେହେର(୪୦)। ସୂଚନା ଅନୁସାରେ ଖପ୍ରାଖୋଲ ଥାନା ବଞ୍ଜିପାଲି ଗାଁର ଚାଷୀ ଶ୍ରୀମନ୍ତ ନାଏକ ଗତ ଜୁଲାଇ ୨୬ ରାତିରେ ତାଙ୍କ ଜମିରେ ଜଳସେଚନ ପାଇଁ ଥିବା ପାଣି ମୋଟରକୁ କେହି ଚୋରି କରି ନେଇଥିବା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗାଁର ଅନ୍ୟ ଦୁଇଜଣ ଚାଷୀଙ୍କ ମଧ୍ୟ ମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ପୂର୍ବରୁ



ଜବତ ମୋଟର ଓ ଗିରଫ ଅଭିଯୁକ୍ତ।

**୨ ମୋଟର ଜବତ**

ଜୁନ ୨୪ରେ ବେନକେରା ଗାଁର ପାଞ୍ଚଜଣ ଚାଷୀଙ୍କ ପାଣି ମୋଟର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୪ ଚୋରଙ୍କ ସହ ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଶ୍ରୀନିବାସ ଓ ବନମାଳୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି। ଅଭିଯୁକ୍ତଙ୍କଠାରୁ ଦୁଇଟି ଚୋରି ମୋଟର, ଦୁଇଟି ବାଇକ ଓ ୨୦ କେଜି ତମ୍ବା ତାର ଜବତ କରାଯାଇଥିବା ସେ କହିଛନ୍ତି।

## ଗଙ୍ଗାଧର ମେହେର ଜୟନ୍ତୀରେ ପୁସ୍ତକ ଉନ୍ମୋଚନ

ଟିଟିଲାଗଡ, ୧୩।୮ (ଡି.ଏନ.ଏ .)

ସାରସ୍ୱତ ଚେତନାର ବାର୍ତ୍ତାବହ ସାହିତ୍ୟ ସଂସ୍କୃତି ଟିଟିଲାଗଡ଼ ଆନୁକୂଲ୍ୟରେ ଗଙ୍ଗାଧର ମେହେର ଜୟନ୍ତୀ ସ୍ଥାନୀୟ ଆଦିବାସୀ ଭବନଠାରେ ପାଳିତ ହୋଇ ଯାଇଛି। ସଂଗଠନ ଉପସଭାପତି ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ମୁଖ୍ୟ ଅତିଥି, କଣ୍ଟାବାଞ୍ଜି ଭୋକେଶନାଲ କଲେଜ ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଏହିଅବସରରେ ବୃନ୍ଦାବନ କୁମ୍ଭାର ଙ୍କ ଦ୍ୱାରା କୋଶଲିରେ ଅନୁବାଦିତ ସ୍ତୁତି ଚିନ୍ତାମଣି ଓ ସେବକ ଚରଣ ଦାଶଙ୍କ କୋଶଲି ପୁସ୍ତକ ପନତ କାନି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂଗଠନ ସମ୍ପାଦକ ସତ୍ୟବ୍ରତ ପଣ୍ଡା ସ୍ୱାଗତ ଭାଷଣ, ଉପଦେଷ୍ଟା ରାଜୀବ ଲୋଚନ ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜ୍ୟୋତି ପ୍ରକାଶ ଗଡ଼ତ୍ୟା ମଞ୍ଚ ପରିଚାଳନା ଓ ବନମାଳୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ଲାଠୋର,୧୩।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମେହେର ପଡ଼ାଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ମେହେର ସମାଜ ଆଞ୍ଚଳିକ ବୋର୍ଡ଼ ସଭାପତି ଲକ୍ଷ୍ମଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଧର୍ମୁ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଲେଖନୀ ବିଶ୍ୱ ଦରବାରରେ ଓଡ଼ିଆ ଜାତିର ଟେକ ରଖିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ମେହେର, ବାଲେଶ୍ୱର ମେହେର, ଶିତାରାମ ମେହେର, ଜୟସିଂ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁରଲୀ ମେହେର କାର୍ଯ୍ୟକ୍ରମ ପରିଚାଳନା, ଅମୃତ ସିଂ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ ସଭାରେ ଉପସ୍ଥିତ ବ୍ୟକ୍ତିମାନେ।

# ଗଛ ପଡ଼ି ଘର ଭାଙ୍ଗିଲା



ଗଛ ପଡି ବିନୋଦଙ୍କ ଘର ଭାଙ୍ଗି ଯାଇଛି।

ଲାଠୋର, ୧୩।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ପିପଲବାହାଲ ଗ୍ରାମରେ ଶନିବାର ସକାଳେ ଏକ ମହୁଲ ଗଛ ଜଣେ ବ୍ୟକ୍ତିଙ୍କ ଘର ଉପରେ ଭାଙ୍ଗି ପଡିଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିନୋଦ ଦୀପଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପରିବାର ଲେକଙ୍କୁ ଘରେ ଛାଡ଼ି ବିନୋଦ ଦାଦନ ଖଟିବାକୁ ଯାଇଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ନିତ୍ୟ ବ୍ୟବହୃତ ସାମଗ୍ରୀ ସବୁ ନଷ୍ଟ ହୋଇଯାଇଛି। ପିପଲବାହାଲ ଅଙ୍ଗନୱାଡ଼ି କେନ୍ଦ୍ର ନଂ୧ କୁ ଲାଗି ଏକ ବିରାଟ ମହୁଲ ଗଛ ରହିଥିଲା। ଅତି ପୁରୁଣା ଏହି ଗଛ ପୋଲା ହୋଇ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଢଳି ରହିଥିଲା। ଲାଠୋର ସରପଞ୍ଚ ଏ ନେଇ ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ଧରିତ୍ରୀରେ ଗତ ଏପ୍ରିଲ ୧୮ରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିପଦ ମହୁଲ ଗଛ ଶୀର୍ଷକ ଖବର ପ୍ରକାଶ ପାଇଥିଲେ ମଧ୍ୟ କେହି ଘଟଣାକୁ ଗୁରୁତ୍ୱ ଦେଇ ନଥିଲେ। ଶନିବାର ସକାଳେ ଉକ୍ତ ଗଛଟି ବିଦ୍ୟୁତ୍ ଖୁଣ୍ଟ ସହ ଛପର ଘର ଉପରେ ଭାଙ୍ଗି ପଡିବା ବେଳେ ଭିତରେ ବିନୋଦଙ୍କ ସ୍ତ୍ରୀ ବିନୋଦିନୀ ଦୀପ, ୬ ମାସର ଶିଶୁ ମିନା ଏବଂ ବାପା ନିଲ ଦୀପ, ମା ଶାନ୍ତି ଦୀପ ଏବଂ ୭୫ ବର୍ଷର ଜେଜେ ମା ସକୁନ୍ତଳା ଥିଲେ। ସେମାନଙ୍କ ଚିତ୍କାର ଶୁଣି ପଡୋଶୀ ନିରଞ୍ଜନ ବିଭାର, ନିରାକାର ବିଭାର ଏବଂ ଅରୁଣ ବିଭାଗର ପ୍ରମୁଖ ଘରର ପଛପଟ କୋଣ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ବିପନ୍ନ ପରିବାରକୁ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ କର୍ମକର୍ତ୍ତା ୨ହଜାର ଟଙ୍କା ସହାୟତା ପ୍ରଦନ କରିଥିଲେ। ରାଜସ୍ୱ ବିଭାଗ କର୍ମଚାରୀ ଏବଂ ସରପଞ୍ଚ ସେମାନଙ୍କୁ ପଲିଥିନ ଦେଇଥିଲେ। ବର୍ତ୍ତମାନ କ୍ଷତିଗ୍ରସ୍ତ ପରିବାର ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଖପ୍ରାଖୋଲ ଅଗ୍ନିଶମ ବିଭାଗ ଜେସିପି ସାହାଯ୍ୟରେ ଗଛ କାଟି ରାସ୍ତା ସଫା କରିଛନ୍ତି।

## ଜୁରାବନ୍ଧ ଦଳ ୧-୦ ଗୋଲରେ ବିଜୟୀ

**ରାଜା ଅନୁପ ସିଂହ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ଖଡ଼ିଆଳ,୧୩।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜାଏଟି ଖେଳ ପଡିଆଠାରେ ୧୩ତମ ରାଜା ଅନୁପ ସିଂହ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଜୁରାବନ୍ଧ ସହିତ ଖଡ଼ିଆଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୁରାବନ୍ଧ ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ସନ୍ତୁ ପଟ୍ଟନାୟକ ଯୋଗଦାନ କରି ଖେଳର ଉଦ୍ଦେଶ୍ୟ ଓ ଖେଳ ଯୋଗୁ ଭାଇଚାରା ସୃଷ୍ଟି କରେ ବୋଲି ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ। ରେଫରି ଭାବେ ସୁଶାନ୍ତ ସ୍ୱାଇଁ, ତାପସ ରଞ୍ଜନ ପତି, ଅମୂଲ୍ୟ ବାରିକ ଓ ରତନ ସିଂହ ବାରିକ ପରିଚାଳନା କରିଥିଲେ। ଧାରାବିବରଣୀ ପ୍ରକାଶ ଚନ୍ଦ୍ର ପାତ୍ର ସମ୍ପାଦନ କରିଥିଲେ। ଫୁଟବଲ ମ୍ୟାଚ ରାଜା ଅନୁପ ସିଂହଦେଓଙ୍କ ନାତି ଅଙ୍କିତ ସିଂହ ଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବାବେଳେ ଟୁନା ନାଏକ, ପ୍ରଭୁ ଗୌଡ଼, ବିବେକ ପୋଡ, ପ୍ରଶାନ୍ତ ପଟ୍ଟନାୟକ, ରଞ୍ଜନ ପଣ୍ଡା, ମହମ୍ମଦ ଆକିବ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ବିଏଡ୍ କଲେଜରେ ସ୍ୱାଧୀନତାର ଅମୃତ ମହୋତ୍ସବ

ବଲାଙ୍ଗୀର ଅଫିସ,୧୩।୮

ବଲାଙ୍ଗୀର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ଶନିବାର ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ସହ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହା ପୂର୍ବରୁ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଗୀତାଞ୍ଜଳି ପାଢୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଯୋଗଦେଇ ଏହି ଉତ୍ସବ ଅବସରରେ ବଲାଙ୍ଗୀରର ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନ୍ଧାତା, ଗୁରୁବାରୀ ମେହେର, ବୀର ସୁରେନ୍ଦ୍ର ସାଏ, ରେଣ୍ଡୋ ମାଝିଙ୍କ ବିଷୟରେ ସୂଚନା ପ୍ରଦାନ କରି ବଲାଙ୍ଗୀରରେ କ୍ରାନ୍ତି-ଜାଗୃତି ଦିବସ ପାଳନ କରାଯାଉଥିବା କହିଥିଲେ। କାର୍ଯ୍ୟକ୍ରମ ସଫଳତା ଉପରେ ମନ୍ତବ୍ୟ ଦେଇ ଅଧ୍ୟକ୍ଷା ପାଢୀ ଦେଶ ଓ ସମାଜ ପାଇଁ ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅନନ୍ତ କୁମାର ନାଏକ, ଶ୍ୟାମକୃଷ୍ଣ ସାଏ, ଭୋଗରାମ ମଲ୍ଲିକ, ମନୋରଞ୍ଜନ ମହାପାତ୍ର, କର୍ମଚାରୀ ବି.ଆର. ମଲ୍ଲିକ, ଏସ୍.କେ. ସାଏ ଓ ଛାତ୍ର ତେଜରାଜ ସାହୁ, ଶିବ ପ୍ରସାଦ ବିଶ୍ୱାଳ ଓ ବିଶ୍ୱଜିତ ଜେନା ସକ୍ରିୟ ଅଂଶଗ୍ରହଣ କରିଥିଲେ ।




ବିଏଡ୍ କଲେଜ ପକ୍ଷରୁ ଶନିବାର ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଇଛି।

## ସଂକ୍ଷେପରେ

### ବନ୍ଧରୁ ଅତଡ଼ା ଖାଉଛି, ଚିନ୍ତାରେ ଚାଷୀ

ପାଇକମାଲ,୧୩।୮(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ଝିଂକି ଗ୍ରାମପଞ୍ଚାୟତର ମୁନିକେଲ ନୂଆମୁଡାଠାରେ ଚାଷକାମ ପାଇଁ ଗତ କିଛି ବର୍ଷ ତଳେ ଏକ ବନ୍ଧ ନିର୍ମିତ ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ବର୍ତ୍ତମାନ ଏହି ବନ୍ଧରେ ପାଣି ଭର୍ତ୍ତି ହୋଇ ରହିଛି। ତେବେ ମାଟି ଅତଡା ଖାଇ ବନ୍ଧ ଦୁର୍ବଳ ହୋଇଥିବାରୁ ଏହା ଭାଙ୍ଗିବା ସ୍ଥିତିକୁ ଆସିଯାଇଛି। ପ୍ରତିବର୍ଷ ଏହି ବନ୍ଧ ମରାମତି ନାମରେ ୧୦ରୁ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତେବେ ନିମ୍ନମାନର କାମ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଚାଷୀ ତ୍ରିପୁରା ସାହୁ, ବାସନ୍ତୀ ତାଟି, ବରାଡୁ ତାଟି, ମଙ୍ଗଲୁ ତାଟି, ଜଳନ୍ଧର ତାଟି ପ୍ରମୁଖ ଅଭିଯୋଗ କରିଛନ୍ତି। ସେମାନେ ପୂର୍ବରୁ ବହୁବାର ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଶନିବାର ପୁଣି ଚାଷୀମାନେ ବିଡିଓ, ତହସିଲଦାର ଓ ବରଗଡ ଡିଆରଡିଏ ପିଡିଙ୍କୁ ଏ ନେଇ ଲିଖିତ ଆକାରରେ ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ମତାମତ ମିଳିପାରିନାହିଁ।

### ସଟ୍ଟା ଚଢ଼ାଉ, ୨ ଗିରଫ

ବରଗଡ଼ ଅଫିସ୍,୧୩।୮: ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ସହରର ବିଭିନ୍ନ ସଟ୍ଟା ଆଡ୍ଡାରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ମନାବନ୍ଧ ପଡ଼ାର ସୁଜିତ ମଲ୍ଲିକ(୩୬) ଏବଂ ୱାର୍ଡ଼ ନଂ-୩ କଟକିଆ ପଡ଼ାର କ୍ରିଷ୍ଣା ମଲ୍ଲିକ(୨୦)। ସେମାନଙ୍କ ପାଖରୁ ନଗଦ ୨୦ହଜାର ୭୫୦ ଟଙ୍କା ଜବତ ହୋଇଛି। ଏ ନେଇ ୨ଟି ପୃଥକ୍ ମାମଲା (ନଂ-୪୭୮/୨୨, ୪୭୯/୨୨) ରୁଜୁ ହୋଇଛି । ଗିରଫ ୨ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡନକେଲ ସୂଚନା ଦେଇଛନ୍ତି।

### ଅତାବିରାରେ ତ୍ରିରଙ୍ଗା ବାଇକ୍ ରାଲି

ଜାମଟିକ୍ରା,୧୩।୮(ଡି.ଏନ.ଏ.): ଅତାବିରା ସଚେତନ ନାଗରିକ ତରଫରୁ ଶୁକ୍ରବାର ତ୍ରିରଙ୍ଗା ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ବାଇକ ରାଲି ପୂର୍ବାହ୍ନ ୧୦ଟାରେ ଲାଦରପାଲି ରାମଚଣ୍ଡୀ ମନ୍ଦିରରୁ ବାହାରି ସୁକୁଟାପାଲିରୁ ଗୋଡଭଗା ଛକରେ ପହଞ୍ଚିଥିଲା। ରାଲିରେ ବ୍ଲକ ଜନକଲ୍ୟାଣ କୁଲତା ସମାଜ ସଭାପତି ଦିବାକର ପ୍ରଧାନ, ଆମ ସହର ଆମ ଦାୟିତ୍ୱ ସଭାପତି ଶେଷଦେବ ନାଏକ, ବଜରଙ୍ଗ ଦଳର ଅଶ୍ୱିନୀ ମେହେରଙ୍କ ସମେତ ନିରୋଜ ବାରିକ, ମିଳନ ସେଟ, ଅମିତ ସାହୁ, ଦଶରଥ ଭୋଇ, ସାଧୁଚରଣ ଗଡତିଆ,ବିଶ୍ୱ ଭୋଇ, ସୁନନ୍ଦା ମେହେର, ସୌରଭ ସାହୁ, କୌଶିକ ମହାକୁର ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଗଣ ଯୋଗ ଦେଇଥିଲେ।

### ଝିଲିମିଣ୍ଡା ହାଇସ୍କୁଲରେ ଗଙ୍ଗାଧର ମେହେର ଜୟନ୍ତୀ

ଜାମଟିକ୍ରା,୧୩।୮(ଡି.ଏନ.ଏ.): ଅତାବିରା ବ୍ଲକ ଝିଲିମିଣ୍ଡା ଜଗନ୍ନାଥ ହାଇସ୍କୁଲରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଶିକ୍ଷାବିତ୍ ବାଲଗୋବିନ୍ଦ ବାବୁ ମୁଖ୍ୟ ଅତିଥି, ଅଧାପକ ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା, ଡାକ୍ତର ପ୍ରଶାନ୍ତ ପଣ୍ଡା, ଝିଲିମିଣ୍ଡା ପ୍ରାଥମିକ ସମବାୟ ସମିତି ସଭାପତି ହରେକୃଷ୍ଣ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଶିଶିର କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଧର୍ମରାଜ ପଧାନ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲରେ ମାଟ୍ରିକ୍ ପରୀକ୍ଷାର ଟପ୍ପର ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧରେ କୁଇଜ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା। ଏଥିରେ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଚିଖିଲି ଛୁଇଁଲା ହୀରାକୁଦ ପଛୁଆ ପାଣି

ଅମ୍ବାଭୋନା,୧୩।୮(ଡି.ଏନ.ଏ)



ଚିଖିଲି ସ୍କୁଲ ବାଉଣ୍ଡାରୀକୁ ବନ୍ୟାଜଳ ଛୁଇଁଛି ।

- ଗାଁ ମୁଣ୍ଡରେ ବନ୍ୟାଜଳ ପ୍ରବାହିତ
- ଧାନ, ପନିପରିବା ଫସଲ ଜଳମଗ୍ନ

ରାଜ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଉପର ମୁଣ୍ଡରେ ଅଧିକ ବର୍ଷା ଯୋଗୁ ଶାଖା ନଦୀ, ନାଳ ଆଦିରୁ ମହାନଦୀକୁ ଅଧିକ ଜଳ ପଶୁଛି। ସେହିପରି ଛତିଶଗଡ଼ ରାୟପୁର ସ୍ଥିତ ଗାଁଗରେଲ ଡ୍ୟାମ୍‌ରୁ ମହାନଦୀକୁ ଅଧିକ ଜଳ ନିଷ୍କାସନ କରାଯାଉଛି। ଫଳରେ ମହାନଦୀ ଜଳସ୍ତର ବଢ଼ିବା ସହିତ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ବେନିଆଁପାଲି, ବରଙ୍ଗାକୋଟ୍, ଚିଖିଲି, ଅନ୍ତରାଡ଼ି, ଘୁଘୁରାପାଲି ଆଦି ଗ୍ରାମକୁ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ମାଡ଼ି ଆସୁଛି। ଏଭଳି ସ୍ଥିତିରେ ଶନିବାର ସନ୍ଧ୍ୟା ସୁଦ୍ଧା ଅଞ୍ଚଳର ପ୍ରାୟ ୨ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇ ସାରିଲାଣି। ଧାନ ବିଲରେ ଆଣ୍ଠୁଏ ପାଣି ଜମି ଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଯାଇଛି। ସେହିପରି ବାଇଗଣ, ପୋଟଳ, ଲଙ୍କା ଆଦି ପନିପରିବା ଫସଲ ବନ୍ୟାଜଳରେ ବୁଡ଼ି ରହିଛି। ଚିଖିଲି ଗ୍ରାମ ସ୍କୁଲ ବାଉଣ୍ଡାରି ନିକଟରେ ବନ୍ୟାଜଳ ପ୍ରବାହିତ ହେଉଛି। ଗ୍ରାମ ଭିତରକୁ ପାଣି ଆସିବା ଆଶଙ୍କା ଥିବାରୁ ଗ୍ରାମବାସୀ ସତର୍କ ରହିଛନ୍ତି। ବନ୍ୟାସ୍ଥିତିକୁ ଆଖି ଆଗରେ ରଖି ଲୋକମାନେ ପାଳଗଦା, କାଠ, ଧାନ, ଚାଉଳ ସଂରକ୍ଷଣ ପାଇଁ ଚିନ୍ତାରେ ଅଛନ୍ତି ।

ଅନ୍ୟପଟେ ଜଳସ୍ତର ବଢ଼ି ଚାଲିଥିବାରୁ ମହାନଦୀ ବ୍ରିଜ୍ ନିର୍ମାଣରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସମ୍ପୃକ୍ତ ଠିକାଦାର ଡଙ୍ଗା ଯୋଗେ ଉଦ୍ଧାର କରି ସୁରକ୍ଷିତ ଜାଗାକୁ ଆଣିଛନ୍ତି। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନଙ୍କ ସମେତ ବ୍ଲକ ଏବଂ ରାଜସ୍ୱ ବିଭାଗ କର୍ମଚାରୀମାନେ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏହାସହିତ ବନ୍ୟା ପ୍ରପୀଡ଼ିତଙ୍କ ଥଇଥାନ ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଛନ୍ତି। ହୀରାକୁଦ ଡ୍ୟାମ୍‌ରୁ ଅଧିକ ବନ୍ୟାଜଳ ନିଷ୍କାସନ କରା ନ ଗଲେ ବିଗତବର୍ଷ ଭଳି ଏଥର ମଧ୍ୟ ବନ୍ୟାଜଳରେ ଚିଖିଲି ଗ୍ରାମ ଜଳବନ୍ଦୀ ହେବା ଆଶଙ୍କା ରହିଛି। ସନ୍ଧ୍ୟା ସୁଦ୍ଧା ଚିଖିଲି ଗ୍ରାମ ମୁଣ୍ଡକୁ ବନ୍ୟାଜଳ ଆସି ସାରିଥିବାରୁ ଗ୍ରାମବାସୀ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଉଚ୍ଚସ୍ଥାନରେ ରଖିଛନ୍ତି।

# ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ

ଅମରପାଲି,୧୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଅଧୀନ ବୀରମହାରାଜପୁର ଓ ଉଲ୍ଲୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ନିରୁପମା ସେଠୀ,ସମିତିସଭ୍ୟା ସୁଗନ୍ଧା ଘିବିଲା,ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ,ସ୍କୁଲ ପରିଚାଳନା କମିଟିର ସଭାପତି ବିମ୍ବାଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ,ବ୍ରହ୍ମାନନ୍ଦ ପ୍ରଧାନ,ପଦ୍ମନାଭ ପ୍ରଧାନ,କହ୍ନେଇ ଚରଣ ପ୍ରଧାନ,ନଟବର ରଣା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ଗ୍ରାମ୍ୟ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଉଲ୍ଲୁଣ୍ଡା ବ୍ଲକ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ଦାୟାଦ ପ୍ରଶାନ୍ତ ଶତପଥୀ ଏବଂ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମଣ ଶତପଥୀଙ୍କ ଦାୟାଦ ସୁବାଷ କୁମାର ଶତପଥୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ତଥା ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ରେ ଏକ ତ୍ରିରଙ୍ଗା ଯାତ୍ରା ଗ୍ରାମ ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ମହଦା ସରପଞ୍ଚ ଆନନ୍ଦିନୀ ଶତପଥୀ, ସମିତି ସଭ୍ୟା ସସ୍ମିତା ବଡ଼ପଣ୍ଡା, ଏବିଡିଓ ମାର୍କଣ୍ଡ ମିଶ୍ର, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରୁଚି ଭୋଇ ଅତିଥି ଭାବେ ଯୋଗଦେଇ ଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷିକେଶ ଚାନ୍ଦ ପରିଚାଳନା କରିଥିଲେ । ଶିକ୍ଷକ ଭରତ ହରିପାଲ ସ୍ୱାଗତ ଭାଷଣ ଦେଇଥିଲେ। ବାଞ୍ଛାନିଧି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାମିଲ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଶପ୍ରମ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଗୋପାଳ ଶତପଥୀ, ସଦସ୍ୟ ବିନୋଦ ମହାପାତ୍ର, ଛବିଳ ମେହେର, କୁମାର ଖୁରା, ଶିକ୍ଷକ ବାମଦେବ ମେହେର, ଦିଲିପ ପଣ୍ଡା, ଝରଣା ବିଶ୍ୱାଳ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ସୋହେଲାରେ ତ୍ରିରଙ୍ଗା ଶୋଭାଯାତ୍ରା


ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ଯାଉଛନ୍ତି।

ସୋହେଲା,୧୩।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସୋହେଲାରେ ଶନିବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋହେଲା ନାଗରିକ କମିଟିର ଆହ୍ୱାନ କ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୋହେଲା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର, ମାରୱାଡ଼ି ଯୁବାମଞ୍ଚର କର୍ମକର୍ତ୍ତାମାନେ ଯୋଗଦାନ ଦେଇଥିଲେ। ସେମାନେ ଜାତୀୟ ପତାକା ଧରି ଶିଶୁ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଅଗ୍ରସେନ ଭବନରେ ପହଞ୍ଚିବା ପରେ ତ୍ରିରଙ୍ଗା ଶୋଭାଯାତ୍ରା ଶେଷ ହୋଇଥିଲା। ଅଗ୍ରସେନ ଭବନରେ ଦୁର୍ଗାପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ଡାକ୍ତର ଶିଶିର କୁମାର ସାହୁ, ପ୍ରମୋଦ ଦେବତା, ବଲବୀର ସିଂ ଠାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ସୁଶାନ୍ତ ମିଶ୍ର, ମନୋହର ମାଝି, ଅନୀଲ ପଧାନ, ଅଗସ୍ତି ଭୋଇ, ଚନ୍ଦ୍ର ଅଗ୍ରବାଲ, ସଞ୍ଜୀବ ଝାଙ୍କର, ମୁକେଶ ଅଗ୍ରୱାଲଙ୍କ ସମେତ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ।

# ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଜାମଟିକ୍ରା, ୧୩।୮(ଡି.ଏନ.ଏ.)

ଅତାବିରା ବ୍ଲକ ସଭାଗୃହରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଶାମୁକ୍ତ ଭାରତ ଗଠନ ପାଇଁ ବ୍ଲକର ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମୋତିଲାଲ ବନଛୁର ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଭୂତପୂର୍ବ ସୈନିକ ସଂଘ ଅଫିସରୁ ଚୋରି


ଘଟଣାସ୍ଥଳରେ ବରଗଡ଼ ଟାଉନ ଥାନା ଆଇଆଇସି ତଦନ୍ତ କରୁଛନ୍ତି।1

ବରଗଡ଼ ଅଫିସ୍,୧୩।୮

ବରଗଡ଼ ସହରରେ ଥିବା ଜିଲା ଭୂତପୂର୍ବ ସୈନିକ ସଂଘ ଅଫିସରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ସଂଘ ଅଫିସର ଝରକା ତାଡ଼ି କମ୍ପ୍ୟୁଟର, ଏଲ୍‌ସିଡ଼ି ଟିଭି, ଆଲମିରା ସମେତ ଜାତୀୟ ପତାକା ଏବଂ ପତାକା ଖୁଣ୍ଟ ଚୋରି କରି ନେଇଛନ୍ତି। ସଂଘ ପକ୍ଷରୁ ସୂଚନା ଦେବା ପରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନ ଥାନା ଅଧିକାରୀ ସତ୍ୟଜିତ କଣ୍ଡନକେଲ ଘଟଣାସ୍ଥଳକୁ ପହଞ୍ଚି ଛାନଭିନ୍ ଚଳାଇଛନ୍ତି। ଉଲ୍ଲେଖନୀୟ, ଜବରଦଖଲ ଅଭିଯୋଗରେ ଗତ କିଛି ମାସ ତଳେ ପ୍ରଶାସନ ପକ୍ଷରୁ ଉକ୍ତ ଅଫିସକୁ ସିଲ୍ କରିଦିଆଯାଇଥିଲା। ଫଳରେ ସଂଘ କର୍ମଚାରୀମାନେ ସେଠାକୁ ଯିବାଆସିବା କରୁ ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଛନ୍ତି। ଶନିବାର ସକାଳେ ସଂଘର କର୍ମକର୍ତ୍ତାମାନେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ।

# ବରଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବରଗଡ଼ ଅଫିସ୍,୧୩।୮


ବରଗଡ଼ରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ ।

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋଷ ସମାଧାନ ହୋଇଥିଲା। ଏଥିରେ ୯୫୬୪ଟି ପ୍ରାକ୍ ମକଦ୍ଦମା ଏବଂ ୧୮୮୨ଟି ବିଚାରାଧୀନ ମକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମକଦ୍ଦମା ମଧ୍ୟରୁ ୫୧୧୩ଟି ପ୍ରାକ୍ ମକଦ୍ଦମା ଏବଂ ୮୭୮ଟି ବିଚାରାଧିନ ମକଦ୍ଦମାର ବିଚାର ହୋଇଥିଲା। ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଲୁନା ମହାନ୍ତି ଏବଂ ସଚିବ ବିଷ୍ଣୁ କଲ୍ୟାଣ ପାଢ଼ୀ ଏହାର ପରିଚାଳନା କରିଥିଲେ। ଅନ୍ୟ ବିଚାରପତ, ଆଞ୍ଚଳିକ ପରିବହନ ଅଧିକାରୀ, ପୋଲିସ ଅଧିକାରୀ, ଅତିରିକ୍ତ ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ଜାମଟିକ୍ରା, ୧୩।୮(ଡି.ଏନ.ଏ.)

ଅତାବିରା ବ୍ଲକ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଶ୍ୱିନୀ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିଶୁ ବଟିକାଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଝିଲିମିଣ୍ଡା ହାଇସ୍କୁଲର ଶିକ୍ଷକ ଧର୍ମରାଜ ପଧାନ, ସୋର୍ଣ୍ଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୃଷିକେଶ ଖୁଣ୍ଟିଲି, ତାପସ ଭୋଇ, କାଳୀଚରଣ ହୋତା ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଧର୍ମରାଜ ପଧାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ ଏବଂ ପ୍ରଧାନ ଆଚାର୍ଯ୍ୟ ମୁକୁଳ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୁନ୍ତୀ ପଧାନ ଓ ଗୁରୁମା ଗୁରୁଜୀମାନେ ସହଯୋଗ କରିଥିଲେ।

# ନିଶାମୁକ୍ତ ସମାଜ ପାଇଁ ସଂକଳ୍ପ



ନିଶାମୁକ୍ତ ସମାଜ ପାଇଁ ସଂକଳ୍ପ ନିଆଯାଉଛି।

ବରଗଡ଼ ଅଫିସ୍,୧୩।୮

ବରଗଡ଼ ଶିକ୍ଷାଜିଲା ତରଫରୁ ସହର ଉପକଣ୍ଠ ଟୁକୁର୍ଲା ସ୍ଥିତ ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ଗଙ୍ଗାଧର ଜୟନ୍ତୀ ପାଳନ ସମାରୋହରେ ନିଶା ନିବାରଣ ଦିବସ ପାଳିତ ହୋଇଥିଲା। ଏହି କ୍ରମରେ ନିଶାମୁକ୍ତ ସମାଜ ପାଇଁ ସଂକଳ୍ପ ପାଠ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଶା ନିବାରଣ ପାଇଁ ସଂକଳ୍ପ ପାଠ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ, ବରଗଡ଼ ସରକାରୀ ବାଳିକ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶ ଶର୍ମା, ଭାର୍ଗବ ନାଏକ ପ୍ରମୁଖ ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# କଲେଜରେ କୃମିନାଶ ବଟିକା ବଣ୍ଟନ



ଲରମ୍ଭା କଲେଜରେ କୃମିନାଶ ବଟିକା ବଣ୍ଟନ କାର୍ଯ୍ୟକ୍ରମ ।

ଅତାବିରା,୧୩।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ଶୁକ୍ରବାର କୃମିନାଶ ଦିବସ ପାଳିତ ହୋଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇ ଛାତ୍ରୀଛାତ୍ରଙ୍କୁ କୃମିନାଶ ବଟିକା ବଣ୍ଟନ କରିଥିଲେ। ଶୁକ୍ରବାର ୪୦୬ଜଣ ଛାତ୍ରୀଛାତ୍ରଙ୍କୁ କୃମିନାଶ ବଟିକା ପ୍ରଦାନ କରାଯାଇଥିଲା। ଯେଉଁମାନେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଆସନ୍ତା ୧୯ତାରିଖରେ ପୁଣି ପ୍ରଦାନ କରାଯିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

# ଗ୍ରାମ୍ୟ ଜଙ୍ଗଲରୁ ଗଛକଟା ନେଇ ବନରକ୍ଷୀଙ୍କ କାର୍ଯ୍ୟାଳୟ ଘେରାଉ

ବୌଦ୍ଧ,୧୩।୮(ସ୍ୱ.ପ୍ର.)


ଗ୍ରାମବାସୀଙ୍କ ଦ୍ୱାରା ବନରକ୍ଷୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଧର୍ମନଗର ଗ୍ରାମ୍ୟଜଙ୍ଗଲରୁ ମୂଲ୍ୟବାନ ଶାଗୁଆନ ଗଛ କଟାକୁ ନେଇ ବନ ବିଭାଗ ନୀରବଦ୍ରଷ୍ଟା ସାଜିବା ପ୍ରତିବାଦରେ ଶନିବାର ଦିନ ଗ୍ରାମବାସୀ ବନରକ୍ଷୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ମିଳିଥିବା ସୂଚନା ମୁତାବକ, ଧର୍ମନଗର ଗ୍ରାମ୍ୟ ଜଙ୍ଗଲରୁ ଗତ ୯ ତାରିଖରେ ଦୁର୍ବୃତ୍ତମାନେ ଶାଗୁଆନ ଗଛ କାଟି ନେଇଥିଲେ । ଏନେଇ ବିଭାଗୀୟ କର୍ମଚାରୀଙ୍କ ନିକଟରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଏପରି କି ଗ୍ରାମବାସୀ ପଦାମାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡିରେ କଟାଯାଇଥିବା ଗଛ ଥିବା ନେଇ ବନରକ୍ଷୀଙ୍କୁ ଦେଖାଇବା ପରେ ମଧ ଗଛକୁ ବନ ବିଭାଗ ଜବତ କଲାନାହିଁ। ଫଳରେ ଗ୍ରାମବାସୀ ସିପିଆଇ ନେତା ଅବକାଶ ସାହୁଙ୍କ ନେତୃତ୍ୱରେ ଛତରଙ୍ଗ ବନରକ୍ଷୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଖବର ପାଇ ବନପାଳ ପୁଷ୍ପା ମେହେର ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେ ଖୁବଶୀଘ୍ର କଟା ଯାଇଥିବା ଗଛକୁ ଜବତ କରିବାକୁ କହିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିଲେ । ଆନ୍ଦୋଳନରେ ଗ୍ରାମର ରାଜେନ୍ଦ୍ର ଭୋକ୍ତା, ଅଭିମନ୍ୟୁ ଭୋକ୍ତା, ଦୁଃଖିଆ ବାଘ, କ୍ଷୀରୋଦ ଭୋକ୍ତାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ଥିଲେ ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,(ଡି.ଏନ.ଏ.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି । ଏହି ଅବସରରେ ଶନିବାର କେଗାଁଠାରେ ଥିବା ୬୪ ବାଟାଲିୟନ ସିଆରପିଏଫ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୬୪ ବାଟାଲିୟନ ସିଆରପିଏଫ ସମସ୍ତ ପଦାଧିକାରୀ ଓ ସମସ୍ତ ଜବାନ ହାତରେ ତ୍ରିରଙ୍ଗା ଧରି ସିଆରପିଏଫ କ୍ୟାମ୍ପରୁ ଏକ ରାଲିରେ ବାହାରି କେଗାଁ ମୁଖ୍ୟଛକ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ସ୍ଥାନୀୟ ଲୋକଙ୍କୁ ନିଜ ଘର ଓ ଦୋକାନ ଉପରେ ତ୍ରିରଙ୍ଗା ଉଡାଇ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ।

## ସଂକ୍ଷେପରେ

### ଆଜାଦୀ କା ଅମୃତ ମହୋତ୍ସବରେ ମହାପୁରୁଷଙ୍କ ଫଟୋ ପ୍ରଦର୍ଶନ

ରୁପ୍ରାରୋଡ,୧୩।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ସରସ୍ୱତୀ ଶିଶୁମନ୍ଦିରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଫଟୋ ପ୍ରଦର୍ଶନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମରୁ ସପ୍ତମ ଶ୍ରେଣୀର ପିଲାମାନେ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ ପବିତ୍ର ମୋହନ ଛୁରିଆ, ଜୟଶଙ୍କର ରାଉତ, ବିମଳ ନାଏକ, ରମେଶ ଚନ୍ଦ୍ର ତ୍ରିପାଠୀ, ଗୁରୁମା ସୁବେଦିତା ନାଏକ, ମାନସୀ ବିଶାଳ ପ୍ରମୁଖ ସହଯୋଗ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱାଧୀନତା ଦିବସରେ ବିଦ୍ୟାଳୟ ପରିସରରେ ୭୫ ଗୋଟି ମାଟି ଦୀପ ପ୍ରଜ୍ୱଳନ ପୂର୍ବକ ୭୫ ଜଣ ଭାଇଭଉଣୀ ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରଂ ଗାନ କରିବେ ବୋଲି ପ୍ରଧାନ ଆଚାର୍ଯ୍ୟ ଭୋଇ ସୂଚନା ଦେଇଛନ୍ତି।

### ଉଠାଦୋକାନୀଙ୍କ ଆମରଣ ଅନଶନ ସ୍ଥଗିତ

ବଲାଙ୍ଗୀର ଅଫିସ,୧୩।୮: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶରତ ଚନ୍ଦ୍ର ଜୟସ୍ୱାଲଙ୍କ ନେତୃତ୍ୱରେ ଚାଲିଥିବା ଉଠାଦୋକାନୀଙ୍କ ଆମରଣ ଅନଶନ ଶନିବାର ସ୍ଥଗିତ ରଖାଯାଇଛି। ଉପଜିଲାପାଳ ଏବଂ ତହସିଲଦାର ଅନଶନସ୍ଥଳକୁ ଆସି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଦାବିପୂରଣ ଦିଗରେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ଜୟସ୍ୱାଲ ଘୋଷଣା କରଥିଲେ। ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଠାଦୋକାନୀମାନେ ସେମାନଙ୍କ ସ୍ଥାୟୀ ବ୍ୟବସ୍ଥା ନହେବା ଯାଏ ରାସ୍ତାକଡରେ ବସି ବ୍ୟବସାୟ କରିବାକୁ ଅନୁମତି ଦେବାକୁ କୁହାଯାଇଛି। ଉଠାଦୋକାନୀମାନଙ୍କ ପାଇଁ ସ୍ଥାୟୀ କ୍ୟାବିନ୍ ଏବଂ ଷ୍ଟଲ ନିର୍ମାଣ, ପାଟଣା ହୋଟେଲ ଛକ କ୍ୟାବିନ୍ କମ୍ପ୍ଲେକ୍ସରେ ଥଇଥାନ ପାଇଁ ଲିଖିତ ପ୍ରତିଶୃତି ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

### ଶିଶୁ ଚିତ୍ରକଳା ପ୍ରତିଯୋଗିତା

ଭବାନୀପାଟଣା,୧୩।୮(ସ୍ୱ.ପ୍ର.)-ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସାଲୁଟ ତିରଙ୍ଗା ରାଷ୍ଟ୍ରବାଦୀ ସଂଗଠନ ତରଫରୁ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଚିତ୍ରକଳାର ବିଷୟବସ୍ତୁ ଥିଲା ଭାରତୀୟ ଜାତୀୟ ପତାକା। ଏଥିରେ ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାଲୁଟ ତିରଙ୍ଗା ସଂଗଠନର ରାଜ୍ୟ ସଭାପତି ଶିବରାମ ନାୟକଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ବିଚାରକ ଭାବେ ମୁକୁନ୍ଦ ରେଡ୍ଡୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବସନ୍ତ କୁମାର ନାଏକ, ନରେନ୍ଦ୍ର ସୁନାନୀ, ଘନଶ୍ୟାମ ପ୍ରଧାନ, ବୃଷଭ ଦାସ, ଜଗମୋହନ ମାଝୀ, ପିଙ୍କି ସାଗର,ସୁଶାନ୍ତ ନାଏକ, ଚନ୍ଦ୍ରପ୍ରଭା ମିଶ୍ର, ବୈଶାଖୀ ନାଏକ, ବିଷ୍ଣୁ ଚରଣ ସ୍ୱାଇଁ ଓ ଶୋଭନ ରେଡ୍ଡୀ ସହଯୋଗ କରିଥିଲେ।

# ବେସରକାରୀ ଜମିରେ ସରକାରୀ କାର୍ଯ୍ୟ

ଖଡ଼ିଆଳ,୧୩।୮(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆ ଗ୍ରାମ ପଞ୍ଚାୟତରେ ସରକାରୀ ଘର ନିର୍ମାଣ କ୍ଷେତ୍ରରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ଜଣେ ନାମମାତ୍ର ଚାଷୀଙ୍କ ଚାଷ ଜମି ଉପରେ ଚାରିଟି ଯୋଜନାର ୪୯,୪୩,୦୦୦ଟଙ୍କା ଖର୍ଚ୍ଚକରି ଘର ନିର୍ମାଣ ହୋଇଛି। ଘର ନିର୍ମାଣ ସମୟରେ ସମ୍ପୃକ୍ତ ଚାଷୀ ନିର୍ମାଣସ୍ଥଳକୁ ଆସିଥିଲେ। ଏହା ମୋର ଜମି ଏଠାରେ ସରକାରୀ ଗୃହ ନିର୍ମାଣ ନ କରିବା ପାଇଁ ବାରମ୍ବାର ବାରଣ ସତ୍ତ୍ୱେ ଚାଷୀଙ୍କୁ ଧମକଚମକ ଦେଇ ନିର୍ମାଣ କରାଯାଇଥିବା ଚାଷୀ ଜଣକ ଗୁରୁତର ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଧମକ ପାଇ ଚାଷୀ ନିରବ ରହିଥିବାବେଳେ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି। ନିଜ ଚାଷ ଜମିରେ ଲକ୍ଷଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ସରକାରୀ ଗୃହଗୁଡିକୁ ଅକ୍ତିଆର କରିବାକୁ ପ୍ରସ୍ତୁତ ହେଉଥିବା ପ୍ରକାଶ କରିଛନ୍ତି ଚାଷୀ ରତ୍ନାକର ଜାଲ୍। ସେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ବଡ଼ପଡା ବାସିନ୍ଦା ଅଟନ୍ତି। ସେ ଜଣେ ନାମମାତ୍ର ଚାଷୀ ହୋଇଥିବାବେଳେ ତାଙ୍କର ମୋଟ ଜମି ଦୁଇ ଏକର ତେର ଡିସମିଲ ଭୁଲିଆସିକୁଆ ଗ୍ରାମ ମୁଖ୍ୟ ରାସ୍ତାର କଲେଜ ପାଖରେ ଅଛି। ସେହି ଜମି ମଧ୍ୟରୁ ପ୍ଲଟ ନଂ. ୧୪୮୩ ମାଲ


ବେସରକାରୀ ଜମିରେ ସରକାରୀ କାର୍ଯ୍ୟ କରାଯାଉଛି।

ଅନାବାଦୀ ଜମି ତିଆସି ଡିସମିଲ ମଧ୍ୟରେ ଭୁଲିଆସିକୁଆ ଗ୍ରାମ ପଞ୍ଚାୟତ ପକ୍ଷରୁ ୨୦୧୯-୨୦ ମସିହାରୁ ୨୦୨୧-୨୨ ମଧ୍ୟରେ ବିଭିନ୍ନ ସରକାରୀ ଯୋଜନାରୁ ସେହି ଜମି ଉପରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେଥିମଧ୍ୟରୁ ୨୦୧୯-୨୦ରେ ଚତୁର୍ଦ୍ଦଶ ଅର୍ଥ କମିଶନରୁ ପିଇଓ ବାସଗୃହ ନିର୍ମାଣ ବାବଦକୁ ଅଟକଳ ଛଅ ଲକ୍ଷ ପଚାଶ ହଜାର ଟଙ୍କାର ଗୃହ କାର୍ଯ୍ୟ ଶେଷ ହୋଇଛି। ୨୦୨୦-୨୧ ମସିହାରେ ଭୁଲିଆସିକୁଆ ଗ୍ରାମୀଣ ହାଟ ଉନ୍ନତିକରଣ ବାବଦକୁ ଅଟକଳ ଦଶ ଲକ୍ଷ ଟଙ୍କାର ଗୃହ କାର୍ଯ୍ୟ ଶେଷ ହୋଇଛି। ୨୦୨୧-୨୨ ମସିହାରେ ମିଶନ ଶକ୍ତି ଗୃହ ନିର୍ମାଣ ବାବଦକୁ ଅଟକଳ ଦଶ ଲକ୍ଷ ଟଙ୍କାର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ୨୦୨୧-୨୨ ମସିହାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ ବାବଦକୁ ଅଟକଳ ବାଇସ ଲକ୍ଷ ତିଆନବେ ହଜାର ଟଙ୍କାର କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି। ହେଲେ ଗତ ଜୁଲାଇ ବାର ତାରିଖରେ ସରକାରୀ ସ୍ତରରେ ଜମି ମାପ କରିଥିଲେ। ସମ୍ପୃକ୍ତ ଚାଷୀଙ୍କ ନାମରେ ବାହାରି ଥିବାବେଳେ ସେଦିନ ସେହି ତିଆସୀ ଡିସମିଲ ଜମି ପ୍ଲଟର ଖଜଣା ଚାଳିଶି ଟଙ୍କା ପଇଠ କରିଥିଲେ ରସିଦ ନଂ ଏଏଏ ୮୪୮୭୨୮୯ ରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଭୁଲିଆସିକୁଆ ଗ୍ରାମପଞ୍ଚାୟତରେ ସରକାରୀସ୍ତରରେ ନିର୍ମାଣ କାର୍ଯ୍ୟ କରିଥିବା ଗୃହଗୁଡିକୁ ବେସରକାରୀ ଜମିରେ ନିର୍ମାଣ କରିଥିବାରୁ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ଜଣେ ବ୍ୟକ୍ତି ଅକ୍ତିଆର କରି ରଖିଥିବାବେଳେ ସେହିପରି ଗ୍ରାମର ତିନୋଟି ଅଙ୍ଗନବାଡ଼ି କେନ୍ଦ୍ରକୁ ବିଭିନ୍ନ ବ୍ୟକ୍ତି ଅକ୍ତିଆର କରିଥିବା ନଜରକୁ ଆସିଛି। ସେଥିମଧ୍ୟରୁ ବର୍ତ୍ତମାନ ଜାରି ରହିଥିବା ଚାରିଟି ଯୋଜନାର ଘର ଓ ଗ୍ରାମୀଣ ଉଦ୍ୟାନ ମଧ ସମ୍ପୃକ୍ତ ଚାଷୀ ଅକ୍ତିଆର କରିବେ ବୋଲି ଚାଷୀ ପ୍ରକାଶ କରିଛନ୍ତି । ଏନେଇ ଦାୟିତ୍ୱରେ ଥିବା ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାସାଗର ସାହୁଙ୍କୁ ପଚାରିବାରୁ ଚାଷୀଙ୍କ ଅଳ୍ପ ଜମିରେ ନିର୍ମାଣ ହୋଇଛି ବୋଲି ସ୍ୱୀକାର କରିଛନ୍ତି। ଏନେଇ ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁଙ୍କୁ ପଚାରିବାରୁ ସେହି ଜାଗା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଛି। ତାହା ସମାଧାନ ହୋଇଯିମ। ଚାଷୀଙ୍କ ଜମି କମ ବାହାରୁଛି ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠେ ଆର୍‌ଆଇ ପ୍ରଥମେ ସରକାରୀ କି ବେସରକାରୀ କାହିଁକି ଚିହ୍ନଟ କଲେ ନାହିଁ। ଜିଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। କାହିଁକି ଜମି ଚିହ୍ନଟ ନ କରି ବେସରକାରୀ ନାମମାତ୍ର ଚାଷୀଙ୍କ ଚାଷ ଜମିରେ ଅଧ କୋଟି ଟଙ୍କାର ସରକାରୀ ଘର କରି ଟଙ୍କା ବରବାଦ କରାଯାଇଛି ତା'ର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଚାଷୀ।

## ଖରିଆର ରୋଡ୍‌ରେ ବିଶାଳ ତ୍ରିରଙ୍ଗା ଯାତ୍ରା


ତ୍ରିରଙ୍ଗା ଯାତ୍ରାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଓ ଅନ୍ୟମାନେ।

ଖରିଆର ରୋଡ, ୧୩।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦିର ଅମୃତ ମହୋତ୍ସବ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହର ଘର ତ୍ରିରଙ୍ଗା ଅଭିଯାନର ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ନୂଆପଡ଼ା ଜିଲା ଖରିଆର ରୋଡ ସହରରେ ଭାଜପା ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରାୟ ୭୫ଫୁଟ ଲମ୍ବର ଜାତୀୟ ପତାକାକୁ ନେଇ ସହର ପରିକ୍ରମା କରାଯାଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ଡାଗା ଛକ ଠାରୁ ଆରମ୍ଭ ହୋଇଥିଲା। ଡାଗା ଛକରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ହର ଘର ତ୍ରିରଙ୍ଗା ଅଭିଯାନର ସହର ସଂଯୋଜକ ଲିଲିତ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ତ୍ରିରଙ୍ଗା ଯାତ୍ରାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଏନଏସି ଅଧ୍ୟକ୍ଷା ସୋନିୟା ଜୈନ, ବରିଷ୍ଠ ନେତା ଚତୁର୍ଭୁଜ ଶର୍ମା, ଭାଜପା ଜିଲା ଉପସଭାପତି ଗୋଲ୍ଡି ଅଗ୍ରୱାଲ, କାଉନସିଲର ସନ୍ଦୀପ ଶର୍ମା, ମଣ୍ଡଳ ସଭାପତି ରାକେଶ ଜୈନ, ସମାଜସେବୀ ମନୋଜ ଡାଗା, ଡା. କୁଞ୍ଜଦେବ ମନିଷି, ପଙ୍କଜ ମରୋଦିଆ, ସଲମାନ ସୁମରା, ଡା. ଦିନେଶ ଚନ୍ଦ୍ରାକାର, ପପ୍ପୁ ରାୱଲ, ମୁକେଶ ଜୈନ, ସଞ୍ଜୟ ଶର୍ମା, ସୁଷମା ଗୁପ୍ତା, ହିନ୍ଦୁ ମହାସଙ୍ଗଠନ ସଭାପତି କିଶୋର କାଳିଆ, ସୁବେନ୍ଦୁ ରଥ, ରାକେଶ ଶର୍ମା, ଶ୍ରୁତି ବାଜପେୟୀ, ସରିତା ସିଂ, ଭୁପେନ୍ଦ୍ର ପଟୱା, ପନ୍ନୁ ଗୁପ୍ତା, ରଚନା ଜୈନଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା, ସିଆରପିଏଫ ଜବାନ, ଏସଏଚଜି ସଦସ୍ୟା, ଛାତ୍ରଛାତ୍ରୀ ଓ ଜନସାଧାରଣ ସାମିଲ ହୋଇଥିଲେ।

## ବ୍ଲକ କଂଗ୍ରେସର ଗୌରବ ପଦଯାତ୍ରା

ଲୋଇସିଂହା,୧୩।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାରରୁ କୁଶମେଲ ପର୍ଯ୍ୟନ୍ତ କଂଗ୍ରେସର ଗୌରବ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା ଏବଂ କୁଶମେଲ ଗ୍ରାମର ପ୍ରହରୀ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ମଖ୍ୟ ଅତିଥି,ଟାଉନ ସଭାପତି ବୁଲୁ ଦାନୀ, କୃଷକ ସେଲ ଜିଲା ସଭାପତି ସାନନ୍ଦ ମିଶ୍ର, ଆଗଲପୁର ବ୍ଲକ ସଭାପତି ମନମୋହନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର



ତଲିଉଡାରରୁ ବାହାରିଥିବା ଗୌରବ ପଦଯାତ୍ରା।

ଗଡତ୍ୟା ପ୍ରମୁଖ ମଞ୍ଚାସୀନ ଥିଲେ । ବର୍ତ୍ତମାନ ଦେଶରେ ଏକଛାତ୍ରବାଦ ଶାସନ ଆଡକୁ ମୁହାଉଛି । ଗଣତନ୍ତ୍ର ଭୁଶୁଡି ପଡିଲାଣି । ସମ୍ବିଧାନ ବିପଦରେ ବୋଲି ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ। ଗଣେଶ ସାହୁ, ମୋହିତ ମିଶ୍ର, ଶିବକୁମାର ଅଗ୍ରୱାଲ, ସୋମନାଥ ପଟେଲ, ଭାଗବତିଆ ଭୋଇ, ଝୁଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୋକାନ ଭାଙ୍ଗି ଚୋରି କରିଥିବା ଯୁବକ ଗିରଫ

ଖଡ଼ିଆଳ,୧୩।୮ (ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ସହରର ୟୁନିୟନ ବ୍ୟାଙ୍କ ସମ୍ମୁଖରେ ଥିବା ଗୌତମ ଅଗ୍ରୱାଲଙ୍କ କିରନା ଦୋକାନରୁ ଚୋରି ହୋଇଛି। ୯ ତାରିଖ ରାତ୍ରିରେ ବର୍ଷା ହେଉଥିବାର ସୁଯୋଗ ନେଇ ଗୌତମ ଅଗ୍ରୱାଲଙ୍କ କିରନା ଦୋକାନ ପଛ ପଟେ ଥିବା ସଟର ତାଲା ଭାଙ୍ଗି ଦୋକାନ ସାମଗ୍ରୀ ଚୋରି ହୋଇଥିବା ନେଇ ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରୁଥିବାବେଳେ ଦୋକାନର ଅଳ୍ପ ଦୂରରେ ଥିବା ଏକ ପରିତ୍ୟକ୍ତ ଏନଏସି କୋଠରୀ ବାହାରେ ଚୋରି ସାମଗ୍ରୀ ଦେଖିବାକୁ ମିଳିଥିଲା। ଏନେଇ ପୋଲିସ ଖଡ଼ିଆଳ ୱାର୍ଡ ନମ୍ବର ୨ର କର୍ଣ୍ଣ ବାଗ (୨୦)ଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପରେ ଚୋରିରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଥିବା ଜଣାପଡ଼ିଛି। କର୍ଣ୍ଣ ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନଗଦ ୨୦୦୦ ଟଙ୍କା ଓ ଚୋରି ୨୩ ବସ୍ତା ଚାଉଳ ୬ ବସ୍ତା ଡାଲି , ସାବୁନ, ଅମୂଳ ସ୍ୱେର, ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଉଦ୍ଧାର କରିଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

## ହର୍ ଘର୍ ତ୍ରିରଙ୍ଗା ସଚେତନତା କାର୍ଯ୍ୟକ୍ରମ



ହର୍ ଘର୍ ତ୍ରିରଙ୍ଗା ସଚେତନତା କାର୍ଯ୍ୟକମ।

କୋକସରା,୧୩।୮(ଡି.ଏନ.ଏ.)

ଶନିବାର କଳାହାଣ୍ଡି ଜିଲା କୋକସରା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ହର୍‌ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନସିସି, ଏନଏସଏସ ଓ ୟୁଥ ରେଡ଼କ୍ରସର ମିଳିତ ଆନୁକୂଲ୍ୟରେ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ କୋକସରା ବିଡ଼ିଓ ମନୀଷା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜାଦୀ କି ଅମୃତ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ପରେ ମହାବିଦ୍ୟାଳୟଠାରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରାରେ ଏନସିସି, ଏନଏସଏସ ଓ ୟୁଥ ରେଡ଼କ୍ରସର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ କର୍ମଚାରୀ ସହର ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକାର ପଣ୍ଡା,ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକ, ୟୁଥ ରେଡ଼କ୍ରସ ପରାମର୍ଶଦାତା ସୁବ୍ରତ କୁମାର ବେହେରା, ଅଧ୍ୟାପକ ଅଇରି ନାଶନ ଚିନ୍ଦା, ପୁଷ୍ପରାଜ ମେହେର, ଅଧ୍ୟାପିକା କନକ ମଞ୍ଜରୀ ବେହେରା, ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି, ଜିତେନ୍ଦ୍ର ପ୍ରଧାନୀଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହିଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ଖଡ଼ିଆଳ,୧୩।୮(ଡି.ଏନ୍.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଉପ କାରାଗାରରେ ରକ୍ଷା ବନ୍ଧନ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଚନ୍ଦ୍ର ଶେଖର ଚନ୍ଦ୍ରକାର, ଜେଲର ବଳରାମ ବିଶି ମାଝୀ, ଅଧ୍ୟାପକ ତରୁଣ ପ୍ରଧାନ ଓ ଅଧ୍ୟାପିକା ପ୍ରଣତି ପଣ୍ଡା ରକ୍ଷା ବନ୍ଧନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ନିଶା ଦ୍ରବ୍ୟ ସେବନ ଦ୍ୱାରା ହେଉଥିବା କ୍ଷତି ଉପରେ ସୂଚନା ଦେଇଥିଲେ। ଏହାଠାରୁ ଦୂରେଇ ରହିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କାରାଗାର ମଧ୍ୟରେ ନିଜକୁ ଅସହାୟ ମନେ ନ କରି ପରସ୍ପର ମଧ୍ୟରେ ଭାଇଚାରା ରଖି ଶାନ୍ତିରେ ରହିବାକୁ ଜେଲ ଅନ୍ତେବାସୀମାନଙ୍କୁ ପରାମର୍ଶ ଦେଇଥିଲେ ଅତିଥି ମାନେ। ପରେ କଲେଜ ଛାତ୍ରୀମାନେ ଅନ୍ତେବାସୀମାନଙ୍କୁ ରାଖୀ ବାନ୍ଧି ମିଠା ଖୁଆଇଥିଲେ ଓ ନିଶାଦ୍ରବ୍ୟ ନ ଖାଇବାକୁ ଅନୁରୋଧ କରିଥିଲେ। ଅନ୍ତେବାସୀ ଖୁସି ଜାହିର କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ

ଖଡ଼ିଆଳ,୧୩।୮(ଡି.ଏନ.ଏ)

ଗଙ୍ଗାଧର ମେହେର ହେଉଛନ୍ତି ଆଲୋକ ଓ ଅମୃତର କବି। ସହଜ ସରଳ ସାବଲୀଳ ଭାଷାରେ ବିରଚିତ ହୋଇଥିବାରୁ ଗଙ୍ଗାଧର ସାହିତ୍ୟ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିଥାଏ। ସ୍ଥାନୀୟ ଖଡ଼ିଆଳ ରାଜ ଦରବାରଠାରେ ଖଡ଼ିଆଳ ସାହିତ୍ୟ ସମିତି ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଯୋଗଦେଇ ଏହି ମତ ଦେଇଛନ୍ତି। ସମାରୋହରେ ବିଶିଷ୍ଟ ସାହିତ୍ୟିକ ବଳଭଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ବାରିକ, ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରର ପ୍ରଥିତଯଶା ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବରେ ପଟ୍ଟାୟତ କବି ନୀଳଲୋହିତ ସିଂହ ଦେବ ଯୋଗଦାନ କରିଥିଲେ। ସମିତିର ସମ୍ପାଦକ କବି ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଆଦିତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କବି ଅଶୋକ କୁମାର ବେହେରା, ଡାକ୍ତର ଗୀତାଶ୍ରୀ ପ୍ରିୟମ୍ବଦା , ଡାକ୍ତର ସେରେଶ୍ୱରୀ ବାଗ, ସାଗର ସାହୁ, ନିକିତା ମହାଉତି ଓ ପ୍ରବାସିନୀ ଯୋଷୀ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମାରୋହରେ ସତୀଶ କୁମାର ପଟ୍ଟନାୟକ, ନବୀନ କିଶୋର ପାଢ଼ୀ, ସନାତନ ମହାନ୍ତି, ଖରତ ଚନ୍ଦ୍ର ବାରିକ, ଝୁମକଲାଲ ବର୍ମା, ଚତୁର୍ଭୁଜ ସିଂହ ଦେଓ, କ୍ଷେମରାଜ ମହାପାତ୍ର, ସଂଗ୍ରାମ ସିଂହ ଠାକୁର, କୈଳାସ ବାଗ, ଉପେନ୍ଦ୍ର କୁମାର ପାଣିଗ୍ରାହୀ, ଗୋବର୍ଦ୍ଧନ ସାହୁ, ନନ୍ଦ କିଶୋର ପ୍ରଧାନୀ, ବେଣୁଧର ବାଗ, ଦୁର୍ଗା ଚରଣ ପଣ୍ଡା, ମୁକୁନ୍ଦ ପୁଟେଲ, ବ୍ରଜମୋହନ ମେହେର, ଆକାଶ କୁମାର ସାହୁ, ମୁଚୁକୁନ୍ଦ ଦଣ୍ଡସେନା, ମହେଶ୍ୱର ଛତ୍ରିଆ, ନୃସିଂହ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପୌର ପରିଷଦ, ସିଆର୍‌ପିଏଫ୍‌ର ତ୍ରିରଙ୍ଗା ଶୋଭାଯାତ୍ରା

ବଲାଙ୍ଗୀର ଅଫିସ,୧୩।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବଲାଙ୍ଗୀର ପୌର ପରିଷଦ, ୧୮୯ ସିଆରପିଏଫ୍ ବାଟାଲିଅନ୍ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରତିନିଧି ଶନିବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସ୍ଥାନୀୟ କୋଶଳ କଳାମଣ୍ଡଳଠାରୁ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ପୌରାଧ୍ୟକ୍ଷା ଲିକା ସାହୁ, କାଉନସିଲର, ସିଆରପିଏଫ୍ କମାଣ୍ଡାଣ୍ଟ ପବନ କୁମାର ତିୱାରୀ, ସିଆରପିଏଫ୍ ଯବାନ, ଅବସରପ୍ରାପ୍ତ ସୈନିକ ସଂଘ ଏବଂ ବିଭିନ୍ନ ସଙ୍ଗଠନ ପ୍ରତିନିଧି ଯୋଗଦାନ କରିଥିଲେ। ଶତାଧିକ ଜନସାଧାରଣ ଜାତୀୟ ପତାକା ଧରି ଭାଗୀରଥି ଛକରୁ ପିପି ଏକାଡେମୀ ଛକ, ବିକ୍ରମ ଛକ, ଡେଲିମାର୍କେଟ, ସମଲେଶ୍ୱରୀ ମନ୍ଦିର, ମେନ୍ ମାର୍କେଟ, ସରକାରୀ ବସଷ୍ଟାଣ୍ଡ, କଚେରୀ ଛକ ଦେଇ କୋଶଳ କଳାମଣ୍ଡଳ ପଡିଆକୁ ଫେରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ସାହୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଏହି ଐତିହାସିକ ମୁହୂର୍ତ୍ତକୁ ଅତ୍ୟନ୍ତ ସମ୍ମାନବୋଧରେ ଲୋକେ ପାଳନ କରୁଥିବା କହିଥିଲେ। ଆଜି


ପୌର ପରିଷଦ ଏବଂ ସିଆରପିଏଫ୍ ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।

### ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଯୋଡି ହେଲେ ସହରବାସୀ

ଦେଶ ମାତୃକାର ସେବାରେ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ଉଚିତ୍ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ସମୟ ଉପସ୍ଥିତ। ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ଅଗଣି ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ସେମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ଦେଶକୁ ଏକ ଅଗ୍ରଣୀ ରାଷ୍ଟ୍ରରେ ରୂପାନ୍ତରିତ କରିବାର ସମୟ ଉପନୀତ ବୋଲି ପୌରାଧ୍ୟକ୍ଷା ସାହୁ କହିଥିଲେ।

ସିଆରପିଏଫ୍ କମାଣ୍ଡାଣ୍ଟ ତିୱାରୀ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରାରେ ଲୋକେ କିଭଳି ସମ୍ମାନର ସହ ତ୍ରିରଙ୍ଗା ଧରିବେ ଏବଂ କିଭଳି ଜାତୀୟ ପତାକାକୁ ଅସମ୍ମାନ କରିବେ ନାହିଁ ସେଦିଗରେ ସିଆରପିଏଫ୍ ଲୋକଙ୍କୁ ସଚେତନ କରୁଛି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟକ୍ତି ସ୍ୱତଃସ୍ଫୁର୍ତ୍ତ ଭାବେ ଯୋଗଦେଉଥିବା କହିଥିଲେ। ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ଦେଶଭକ୍ତି ଏବଂ ରାଷ୍ଟ୍ରସେବା ହିଁ ସମସ୍ତ ଭାରତୀୟଙ୍କ ପ୍ରାଥମିକତା ବୋଲି କହିଥିଲେ। ଆଡଭୋକେଟ୍ ଜୟରାମ ମିଶ୍ର, ବୁଲୁ ବେହେରା, ଭଗବାନ ବର୍ଗର୍ତ୍ତୀ, ସୋମନାଥ ମିଶ୍ର, ସନ୍ତୋଷ ପଟ୍ଟନାୟକ, ପିଙ୍କୁ ମିଶ୍ର, ଦମୟନ୍ତୀ ବାଗ, ସରିତା ଦାସ, ନୂତନ ଦାସ, ନନ୍ଦିନୀ ପୋଢ଼, ମହେନ୍ଦ୍ର ବାଗ, ମୁନୁ ପୋଢ଼ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶନିବାର ବହୁ ସ୍କୁଲ, କଲେଜ ପକ୍ଷରୁ ମଧ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା।

## ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଅମରପାଲି,(ଡି.ଏନ.ଏ.): ବୀରମହାରାଜପୁର ବ୍ଲକ ବହଳପଦର ୟୁପି ସ୍କୁଲରେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବକାନ୍ତ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହଳପଦର ସରପଞ୍ଚ ନିରୂପମା ସେଠୀ, ଅମରପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ସିଆରସିସି ପ୍ରଦୀପ ଜଗଦଲା, ସ୍ଥାନୀୟ ସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱାମିତ୍ର ସେଠୀ ଓ ଅମରପାଲି ଅରବିନ୍ଦ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଗୋପାଳ ସେଠୀ ଅତିଥିଭାବେ ଯୋଗଦେଇଥିଲେ। ସିନିଅର ଓ ଜୁନିଅର ବର୍ଗରେ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା।

# ସୋନପୁରରେ ତ୍ରିରଙ୍ଗା ଶୋଭାଯାତ୍ରା



ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

ସୋନପୁର,୧୩।୮(ନି.ପ୍ର.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଶନିବାର ସୋନପୁର ସହରରେ ତ୍ରିରଙ୍ଗା ଯାତ୍ରା କରା ଯାଇଥିଲା। ଜାଭିୟର ଇଣ୍ଟର ନ୍ୟାଶନାଲ ସ୍କୁଲ ପକ୍ଷରୁ ଜିଲା ନ୍ୟାୟାଳୟ ସମ୍ମୁଖରୁ ଏହି ତ୍ରିରଙ୍ଗା ଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅରୁଣ କୁମାର ରଥ ଓ ସ୍କୁଲର ଅଧ୍ୟକ୍ଷ ଗୁପ୍ତେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଏହି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା।

ସେହିପରି ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ହର ଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଶନିବାର ସ୍ୱଚ୍ଛ ଭାରତ ସଂଗଠନ, ତ୍ରିରଙ୍ଗା ଯାତ୍ରା କମିଟି ଓ ଏସବିଆଇ ଗ୍ରାମୀଣ ଆତ୍ମ ନିଯୁକ୍ତି ସିଲାଇ ତାଲିମ କେନ୍ଦ୍ରର ଶିବିରାର୍ଥୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସୋନପୁର କଲେଜ ଏନସିସିର ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଲ ଯୋଗ ଦେଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ନିଜର ଜୀବନକୁ ବାଜି ଲଗାଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବ ପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। ଗ୍ରାମୀଣ ଆତ୍ମ ନିଯୁକ୍ତି କେନ୍ଦ୍ରର ନିର୍ଦ୍ଦେଶକ ଅଜିନା ଟୁଡୁ, ପ୍ରଶିକ୍ଷିକା ସଞ୍ଜୁକ୍ତା ରାଣୀ ନନ୍ଦ, ତ୍ରିରଙ୍ଗା ଯାତ୍ରା କମିଟିର ସଂଯୋଜକ ରଶ୍ମି ରଞ୍ଜନ ଦାଶ, ସ୍ୱଚ୍ଛ ଭାରତ ସଂଗଠନର ସଂଯୋଜକ ମନୋରଞ୍ଜନ ତ୍ରିପାଠୀ, ରକ୍ତଦାତା ସଂଘର ମନୋଜ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଶୁକ୍ରବାର ବାଲାଜୀ ମନ୍ଦିରରେ ଦୀପଦାନ କରାଯିବା ସହ ତ୍ରିରଙ୍ଗା ଯାତ୍ରା କରା ଯାଇଥିଲା। ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଯାଦବ ସମାଜର ସମ୍ପାଦକ ବଳରାମ ସିଂ ଯାଦବ, କେସରିଆ ହିନ୍ଦୁ ବାହିନୀର ସୁବର୍ଣ୍ଣପୁର ଜିଲା ସଭାପତି ବ୍ୟାସଦେବ ମିଶ୍ର, ଶ୍ରଦ୍ଧାଞ୍ଜଳୀ ମିଶ୍ର, ସୁରେଶ ମିଶ୍ର, ସୁରେଶ ପାତ୍ର, ବାପି ଦାଶ, ଜିତେନ୍ଦ୍ର ମହାପାତ୍ର ଓ କେଶବ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ସୋନପୁର ଶାଖା ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ସୋନପୁର ମୁଖ୍ୟ ଶାଖାରୁ ବାହାରି ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଷ୍ଟେଟ୍‌ବ୍ୟାଙ୍କ ମୁଖ୍ୟ ଶାଖା ସମେତ ଆଖପାଖ ସମସ୍ତ ଶାଖାର କର୍ମଚାରୀ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ବ୍ୟାଙ୍କର ବିଭିନ୍ନ ଯୋଜନା ବିଷୟରେ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାଖାର ମୁଖ୍ୟ ପ୍ରବନ୍ଧକ ଶରତ ଦେହୁରୀ, ଉପ ପ୍ରବନ୍ଧକ ଅନିମା ପରିଡ଼ା, ବରିଷ୍ଠ କର୍ମଚାରୀ ବଳଦେବ ମହାପାତ୍ର, ପଦ୍ମନାଭ ପାଢୀ, ମୀନକେତନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଅତାବିରାରେ ୫ଶହ ମିଟର ତ୍ରିରଙ୍ଗା ଯାତ୍ରା

ବରଗଡ଼ ଅଫିସ୍/ଅତାବିରା/ ସରଣ୍ଡା,୧୩।୮

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅତାବିରାରେ ସ୍ଥାନୀୟ ଆଜାଦୀ କା ଅମୃତ ମହୋତ୍ସବ କମିଟି ପକ୍ଷରୁ ୫୦୦ମିଟର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାଟି ଲାଦରପାଲି ରାମଚଣ୍ଡୀ ମନ୍ଦିରରୁ ବାହାରି ଅତାବିରା ସିନେମା ହଲ୍ ପର୍ଯ୍ୟନ୍ତ ଯାଇଥିଲା। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ସ୍ଥାନୀୟ ନାଗରିକ କମିଟି, ଲାୟନ୍ସ କ୍ଲବ, ବଜରଙ୍ଗ ଦଳ, ଜନ କଲ୍ୟାଣ କୁଲତା ସମାଜ, ବ୍ଲକ ଯାଦବ ସମାଜ, ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର, ରାଜନୈତିକ ଦଳର କର୍ମୀ, ସାମାଜିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍କୁଲରୁ ବାହାରି ସହର ପରିକ୍ରମା କରିଥିଲେ। ଜିଲା ଭାଜପା ପକ୍ଷରୁ ବରଗଡ଼ ସହରରେ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶୋଭାଯାତ୍ରାରେ ଦଳୀୟ କର୍ମକର୍ତ୍ତା, କର୍ମୀମାନେ ସାମିଲ ଥିଲେ। ସେହିପରି ଗୋଡ଼ଭଗାରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।




ଅତାବିରାରେ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ଆଜାଦୀ କା ଅମୃତ ମହୋତ୍ସବରେ ବାହାରିଲା ଶୋଭାଯାତ୍ରା

ତରଭା,୧୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହେଇଯାଇଛି। କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣ ଶିକ୍ଷକ କର୍ମଚାରୀ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ତରଭା ସହର ପରିକ୍ରମା କରିଥିଲେ। ତରଭା ଥାନା ସମ୍ମୁଖରେ ଅଧ୍ୟକ୍ଷା ସୁଶ୍ରୀ ମିନତୀ ମିଶ୍ର ଏବଂ ବାଳିକା ହାଇସ୍କୁଲ ସାମ୍ନାରେ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର ଅମୃତ ମହୋତ୍ସବ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ପରେ କଲେଜରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷା ମିଶ୍ର ଅଧ୍ୟକ୍ଷତା କରିଥିଲେ। ବକ୍ତାମାନେ ସୁନାଗରିକ ହୋଇ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିନତି ମିଶ୍ର ଓ ଖେଳ ଶିକ୍ଷକ ସଞ୍ଜୀବ ସାହୁ ପରିଚାଳନା କରିଥିଲେ।



ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା।



ତରଭା କଲେଜ ତରଫରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# ତ୍ରିରଙ୍ଗା ଯାତ୍ରା, ସଚେତନତା ରାଲି

ବୌଦ୍ଧ,୧୩।୮(ସ୍ୱ.ପ୍ର.)

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବୌଦ୍ଧ ଜିଲା ବଘିଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା ଓ ସଚେତନତା ରାଲି ଶନିବାର ଦିନ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ହାତରେ ଜାତୀୟ ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସ୍ୱାଧୀନତାର ଗୁରୁତ୍ୱ ତଥା ଅମୃତ ମହୋତ୍ସବର ମହାନୀୟତା ପ୍ରଚାର କରିଥିଲେ। ସ୍ୱାଧୀନତା ଦିବସରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ଲୋକଙ୍କୁ ଅନୁରୋଧ କରିବା ସହ ଏହାକୁ ପାଳନ କରିବାର ନୀତିନିୟମ ସମ୍ପର୍କରେ ବୁଝାଇ ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ନିରଞ୍ଜନ ପ୍ରଧାନ, ଶିକ୍ଷକ ସତ୍ୟାନନ୍ଦ ଦନାୟକ, ଶିକ୍ଷୟିତ୍ରୀ କୁମୁଦିନୀ ମଲିକ, ବିଥିକା ସାମନ୍ତରାୟ, ଗୀତାଞ୍ଜଳୀ ମଲିକ, ମାଳତୀ ହରିପାଲ ପ୍ରମୁଖ ସାମିଲ ଥିଲେ।

# ବାଉଁଶୁଣୀରେ ତ୍ରିରଙ୍ଗା ଶୋଭାଯାତ୍ରା

ବାଉଁଶୁଣୀ,୧୩।୮(ଡି.ଏନ.ଏ.)

ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ଶନିବାର ବୌଦ୍ଧ ବ୍ଲକ ବାଉଁଶୁଣୀଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡ଼ାଙ୍ଗ ଏବଂ ୪ ନଂ ଜୋନ ଜିଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଯୁବକମାନେ ସାମିଲ ହୋଇ ଭାରତ ମାତା କୀ ଜୟ ନାରାବାଜି ଦେଇଥିଲେ। ନିଜ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ପ୍ରେରଣା ଦେଇ ଲୋକଙ୍କ ହୃଦୟରେ ଦେଶଭକ୍ତିର ଭାବନାକୁ ଜାଗ୍ରତ କରିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାଙ୍ଗ କହିଥିଲେ। ଏହି ଶୋଭାଯାତ୍ରା ବାଉଁଶୁଣୀ ଦମକଳ କେନ୍ଦ୍ର ଠାରୁ ଆରମ୍ଭ ହୋଇ ମାଉଁଳିମୁଣ୍ଡା ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସେହିପରି ବାଉଁଶୁଣୀ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସଂକ୍ଷେପରେ

### କେନ୍ଦୁପତ୍ର ଫଡି ଗୃହ ଭୁଶୁଡ଼ି ପଡିବାରୁ ୫ ଗୋରୁ ମୃତ

କନ୍ଧମାଳ,୧୩।୮(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜ ବେଣାମୁଣ୍ଡା ଗ୍ରାମରେ ଏକ କେନ୍ଦୁପତ୍ର ଫଡି ଗୃହ ଭୁଶୁଡି ପଡିବାରୁ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଶନିବାର ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ଉକ୍ତ ଫଡି ଘରେ କେତେକ ଗୋରୁ ଆଶ୍ରୟ ନେଇଥିବା ବେଳେ ଭୁଶୁଡି ପଡିଥିଲା। ଅର୍ଜୁନ ପ୍ରଧାନଙ୍କ ଗୋଟିଏ ବଳଦ ଓ ଦୁଇ ଗାଈ, ନିରଞ୍ଜନ ବାଘଙ୍କ ଗୋଟିଏ ବଳଦ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ବର୍ତ୍ତମାନ ଚାଷ କାମ ଚାଲିଥିବା ବଦଳ ମୃତ୍ୟୁ ୨ଚାଷୀ ପରିବାରକୁ ହତାଶ କରିଛି। ପ୍ରଶାସନ କ୍ଷତିପୂରଣ ଦେବାକୁ ଦାବି ହେଉଛି।

### କଂଗ୍ରେସର ଗୌରବ ପଦଯାତ୍ରା

ଡୁଙ୍ଗୁରିପାଲି,୧୩।୮(ଡି.ଏନ.ଏ.): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ଶିବମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରିଥିଲା। ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦରବୃଦ୍ଧି ସାଙ୍ଗକୁ ଚୂଡ଼ା, ମୁଢି ଆଦି ଖାଉଟି ଦ୍ରବ୍ୟ ଉପରେ ଜିଏସଟି ଲଗାଇବାର ପ୍ରତିବାଦ କରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଜିଲା ପାର୍ଯ୍ୟବେକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା, ରବି ହୋତା, ପ୍ରଦୀପ ସେଠି, ଜିତେନ୍ଦ୍ର ପଟ୍ଟନାୟକ, ସଂଗ୍ରାମ ନାଏକ, ନରେନ୍ଦ୍ର ସାହୁ, ଜିତ କୁମାର, ନରେନ୍ଦ୍ର ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଘୁଙ୍ଗିଯୋର ପୋଲ ଉପରେ ୪ଫୁଟ ବନ୍ୟାପାଣି



ଘୁଙ୍ଗିଯୋର ପୋଲ ଉପରେ ୪ ଫୁଟର ବନ୍ୟାପାଣି ପ୍ରବହିତ ହେଉଛି।

ଅମରପାଲି,୧୩।୮(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଥିବା ନଦୀନାଳରେ ବନ୍ୟାଜଳ ପ୍ରବାହିତ ହେଉଛି। ହରିହର ଯୋର, ଘୁଙ୍ଗିଯୋର, ସୁରବାଲି ଯୋର, ବାଇଗଣୀ ଯୋରରେ ବନ୍ୟା ପାଣି ଆସିଛି। ବ୍ଲକର ଭୁଡିଆପାଲି ଓ ଲୁଡୁରପଙ୍କ ମଧ୍ୟରେ ପ୍ରବାହିତ ହେଉଥିବା ଘୁଙ୍ଗିଯୋର ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ବୀରମହାରାଜପୁର-ଅମରପାଲି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉକ୍ତ ରାସ୍ତା ମୋଟିବାହାଲ ଦେଇ ଚାରମାଳ ଓ ରେଢାଖୋଲ ସହିତ ଯୁଜୁମୁରା ଦେଇ ସମ୍ବଲପୁରକୁ ମଧ୍ୟ ବିଚ୍ଛିନ୍ନ କରିଛି। ଫଳରେ ସୋନପୁରରୁ ବୀରମହାରାଜପୁର, ଅମରପାଲି ଦେଇ ଯିବାକୁ ଥିବା ବସ୍ ଯାତାୟତ କରି ପାରିନାହିଁ। ଫଳରେ ବୀରମହାରାଜପୁର ବ୍ଲକର ଲୁଡୁରପଙ୍କ, ବହଳପଦର, ଦୁର୍ଜନତୈଳା ଓ ଖଣ୍ଡହତା ପଞ୍ଚାୟତର କେତେକ ଗ୍ରାମ ସହିତ ରେଢାଖୋଲ ବ୍ଲକର ବୀରମହାରାଜପୁର ଉପରେ ନିର୍ଭର କରୁଥିବା ୪ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୁଡୁରପଙ୍କ, ଘିଚାପାଲି, ବାବୁପାଲି ଗ୍ରାମରୁ କେତେକ ଛାତ୍ରୀଛାତ୍ର ଶନିବାର ସକାଳୁ ବୀରମହାରାଜପୁରର ବିଭିନ୍ନ ସ୍କୁଲ, କଲେଜ ଯାଇଥିବାବେଳେ ଅପରାହ୍ନରେ ଘୁଙ୍ଗିଯୋରରେ ପାଣି ଆସିଯିବାରୁ ବିପଦସଙ୍କୁଳ ଭାବେ ସ୍ଥାନୀୟ ଲୋକେ ତାଙ୍କୁ ପାର କରାଉଥିବା ଦେଖିବାକୁ ମିଳିଥିଲା।

**ବୀରମହାରାଜପୁର-ଅମରପାଲି ଯୋଗାଯୋଗ ବିଚ୍ଛିନ୍ନ**

# ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବୌଦ୍ଧ,୧୩।୮(ସ୍ୱ.ପ୍ର.)

ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅନୁମୋଦନକ୍ରମେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ବୌଦ୍ଧ ଦ୍ୱାରା ବୌଦ୍ଧ ଇନଡୋର ଷ୍ଟାଡିୟମଠାରେ ଶନିବାର ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନଶିପ୍ ଉଦଘାଟିତ ହୋଇଯାଇଛି। ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହି ଚମ୍ପିୟାନଶିପକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗର ବିଭିନ୍ନ ବର୍ଗର ୧୫ ବର୍ଷରୁ କମ୍,୧୯ବର୍ଷରୁ କମ୍ ତଥା ସିନିୟର ଖେଳାଳିଙ୍କ ମଧ୍ୟରେ ଏକକ ଏବଂ ଯୁଗଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ ମାନ୍ୟତାପ୍ରାପ୍ତ ବୈଷୟିକ ଅଧିକାରୀ ବଦ୍ରିନାରାୟଣ ମିଶ୍ର ଏବଂ ବିବେକାନନ୍ଦ କର୍ଣ୍ଣ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତାରେ ସମୁଦାୟ ୬୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ଲାଗି ପଞ୍ଜୀକୃତ ହୋଇଛନ୍ତି। ଏହି ଖେଳ ସୋମବାର ଦିନ ଶେଷ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନ ବୌଦ୍ଧର ସଭାପତି ଜୁଲିୟସ ସିଜର ମହାକୁଳ, ସଂପାଦକ ହୃଦାନନ୍ଦ ମିଶ୍ର, ଉପସଭାପତି ପ୍ରଦୋଷ କୁମାର ମହାରଣା, ସଂଗଠନ ସଂପାଦକ ସୁନ୍ଦର ପ୍ରକାଶ ତଥା ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହାକୁ ପରିଚାଳନା କରାଯାଉଛି।

# ମହାନଦୀ ଫୁଲୁଛି, ବୌଦ୍ଧରେ ବନ୍ୟା ପରିସ୍ଥିତି

ବୌଦ୍ଧ,୧୩।୮(ସ୍ୱ.ପ୍ର.)

ଗତ ଏକ ସପ୍ତାହ ଧରି ଲଗାଣ ବର୍ଷା ହେବା ଯୋଗୁ ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀ ଫୁଲିବା ସହ ବନ୍ୟା ପରିସ୍ଥିତି ଦେଖାଦେଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ୩୦ ଗୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ବୌଦ୍ଧ ଠାରେ ନଦୀ ଜଳ ବିପଦ ସଙ୍କେତ ଠାରୁ ସାମାନ୍ୟ ତଳେ(୮୬.୦୫ ମି) ଥିଲେ ମଧ୍ୟ ଦୁଇକୂଳ ଖାଇ ମହାନଦୀ ପ୍ରବାହିତ ହେଉଥିବାରୁ ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳର ଲୋକଙ୍କୁ ସଜାଗ ରହିବା ଓ ନଦୀଖଣ୍ଡିରେ ରହୁଥିବା ବସ୍ତି ବାସିନ୍ଦାଙ୍କୁ ବନ୍ୟା ଆଶ୍ରୟସ୍ଥଳୀକୁ ଚାଲି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପର ମୁଣ୍ଡରେ ତେଲ, ଖଡଙ୍ଗ ଓ ବାଘ ନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଛି। ଏହା ମହାନଦୀର ତଳ ମୁଣ୍ଡରେ ରହୁଥିବା ଅଧିବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ସମୀକ୍ଷା କରାଯାଉଥିବା ବେଳେ କୌଣସି ଅଧିକାରୀ ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ରହିଛି। ସ୍ୱାସ୍ଥ୍ୟ ବିଭାଗ, ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବୌଦ୍ଧ ସହରର ତଳି ଅଞ୍ଚଳଗୁଡିକରେ ମହାନଦୀ ପାଣି ପୁରାମାତ୍ରାରେ ବହୁଛି। ହରଭଙ୍ଗା ବ୍ଲକର ଜଗନ୍ନାଥ ସଡକର ବିଭିନ୍ନ ସ୍ଥାନରେ ମହାନଦୀ ପାଣି ପଶି ରାସ୍ତା ବନ୍ଦ ହୋଇଯାଇଛି । ତଳିଆ ଅଞ୍ଚଳବାସୀ ସତର୍କ ରହିବାକୁ ସୂଚନା ଦିଆଯାଇଛି। ସୂଚନା ମୁତାବକ ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଜିଲାର ଅନେକ ଅଞ୍ଚଳରେ ଚାଷଜମିରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଛି। ଯଦି ଲଗାଣ ବର୍ଷା ଜାରି ରହେ ଫସଲ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲାପରିଷଦ ଅଶ୍ୱିନୀ କୁମାର ମେହେର ଏବଂ ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହିତ ବିଡିଓ ଓ ତହସିଲଦାରମାନଙ୍କ ସହିତ ଯୋଗାଯୋଗ କରି ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ଜିଲାର ସମସ୍ତ ବନ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ପ୍ରସ୍ତୁତ ରଖାଯିବା ସହିତ ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅଧିକାରୀମାନଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ବୌଦ୍ଧ ସହର ଦେଇ ଯାଇଥିବା ମହାନଦୀରେ ବନ୍ୟାପାଣି।